# ରାମାୟଣର କେଉଟ ପ୍ରସଙ୍ଗ

ଡ. ଚିତ୍ତରଞ୍ଜନ ଶତପଥୀ

ରାମାୟଣର କେଉଟ ପ୍ରସଙ୍ଗ ଭଗବାନଙ୍କ ପ୍ରତି ଭକ୍ତର ସମର୍ପଣ ଭାବ ଓ ଭକ୍ତିର ଏକ ଅନନ୍ୟ ଉଦାହରଣ । ଏହି ପ୍ରସଙ୍ଗଟି ବିଭିନ୍ନ ସମୟର ମହାନ୍ ମନୀଷୀମାନଙ୍କ ରଚନାରେ ଭକ୍ତିର ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ରୂପେ ବର୍ଣ୍ଣିତ ହୋଇଛି । ସେ ସଂପର୍କରେ ଆଲୋକପାତ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

**ବାଲ୍ମୀକି ରାମାୟଣ :** ବାଲ୍ମୀକି ରାମାୟଣରେ ରାମ, ସୀତା ଏବଂ ଲକ୍ଷ୍ମଣଙ୍କର ଅଯୋଧ୍ୟା ଛାଡ଼ି ୧୪ ବର୍ଷ ବନବାସ ଯିବାର ବର୍ଣ୍ଣନା ଅଛି । ସେମାନେ ଗଙ୍ଗାକୂଳରେ ଥିବା ନୌକାରେ ବସି, ମନ୍ତ୍ରୀ ଓ ସାରଥି ସୁମନ୍ତ୍ର ଏବଂ ନିଷାଦରାଜ ଗୁହକଙ୍କ ଠାରୁ ବିଦାୟ ନେଇ, ନାବିକମାନଙ୍କୁ ନୌକା ଚଲାଇବା ପାଇଁ କହିଛନ୍ତି । ଏଠାରେ ଗୋଟିଏ ନାବିକର କଥା କୁହାଯାଇ ନାହିଁ । କାରଣ ରାମ ନାବିକମାନଙ୍କ ମଧ୍ୟରେ ଜଣେ ନୌକା ସଞ୍ଚାଳନ କରୁଥିବା କର୍ଣ୍ଣଧାରକୁ ଡାକିଥିବା କଥା ଲେଖାଅଛି । ତା'ଛଡ଼ା ରାମ ନୌକାରେ ଚଢ଼ିବା ପାଇଁ ନାବିକମାନଙ୍କ ପକ୍ଷରୁ କୌଣସି ପ୍ରତିବାଦ କରାଯାଇଥିବା କଥାର ମଧ୍ୟ ଉଲ୍ଲେଖ ନାହିଁ ।

ଏଥିରୁ ଜଣାଯାଏ ଯେ କେଉଁଟ ପ୍ରସଙ୍ଗ ମୂଳ ରାମାୟଣର କଥା ନୁହେଁ । ପରବର୍ତ୍ତୀକାଳରେ ଆଞ୍ଚଳିକ ଭାଷାରେ ଲେଖା ଯାଇଥିବା ରାମାୟଣମାନଙ୍କରେ ଏହି ପ୍ରସଙ୍ଗର ଉଦ୍ଭବ ହୋଇଛି ।

**ଦାଣ୍ଡି ରାମାୟଣ :** । ବଳରାମ ଦାସ (୧୪୭୨-୧୫୫୦) ଙ୍କ ଲେଖା ଦାଣ୍ଡି ରାମାୟଣ (ଜଗମୋହନ ରାମାୟଣ) ଭାରତର ଆଞ୍ଚଳିକ ଭାଷାରେ ଲେଖାଯାଇଥିବା ସବୁଠାରୁ ପ୍ରାଚୀନ ରାମକଥା । ଏହି ରାମାୟଣର ଅଯୋଧ୍ୟା କାଣ୍ଡରେ ଶ୍ରୀରାମ ସୀତା ଓ ଲକ୍ଷ୍ମଣଙ୍କ ସହିତ ବନବାସ ପାଇଁ ଯାଉଥିବା ସମୟରେ ଗଙ୍ଗା ପାର ହେବାର ବର୍ଣ୍ଣନା ଅଛି । ଗଙ୍ଗା ତୀରକୁ ଯାଇ ସେ ନାଉରୀକୁ ଡାକିଲେ ଓ ସେ

ସାଙ୍ଗେସାଙ୍ଗେ ନୌକା ନେଇ ଆସିଲେ । ଏଠାରେ ଗୋଟିଏ ନାଉରୀ କଥା କୁହାଯାଇଛି । ନାଉରୀ ଶ୍ରୀରାମଙ୍କୁ ଦେଖି ବହୁତ ଖୁସି ହେଲା; କିନ୍ତୁ ଶ୍ରୀରାମ ନୌକାରେ ବସିବାକୁ ଗଲାବେଳକୁ ସେ ଆପତ୍ତି କଲା–

"ବୋଲଇ ଶ୍ରୀରାମ ତୁମ୍ଭେ ରହ ରହ ପୁଣି ।
ଏ ନାବ ଖଣ୍ଡିକେ ମୋର ଚଳନ୍ତି ଦଶପ୍ରାଣୀ ।
ତୁମ୍ଭର ଚରଣେ ଅଛଇଁ ଯେଉଁ ରେଣୁ ।
ପାଷାଣମାନେ ଯୁବତୀ ହୋନ୍ତି ତେଣୁ ।"

ସେ ପୁଣି କହିଲା ଯେ ପଥିକମାନେ ଏ ବାଟେ ଗଲାବେଳେ କୁହାକୁହି ହୁଅନ୍ତି ଯେ ଦଶରଥନନ୍ଦନ ଶ୍ରୀରାମ–

"ବିପିନ ବନରେ ସେ ପାଷାଣେ ପାଦ ଦେଲେ ।
ତତକ୍ଷଣେ ପାଷାଣ ଯୁବତୀ ହୋଇଲେ ।"

ସେ ପାଇଁ ସେ ଶ୍ରୀରାମଙ୍କୁ ଅନୁରୋଧ କଲା–

"ଚରଣ ପଖାଳି ମୋ ନାବ ପରେ ବସ ।"

ଶ୍ରୀରାମ ତା' କଥାଶୁଣି ହସିଲେ ଏବଂ ତାକୁ ଅହଲ୍ୟାଙ୍କ ବିଷୟରେ କହିଲେ ତାର ସନ୍ଦେହ ଦୂର କରିବା ପାଇଁ ।

"ଏତେ କହି ଶ୍ରୀରାମ ନାବ ମଙ୍ଗେ ଥାଇ ।
ଗଙ୍ଗାଜଳ ଧରିଣ ପାଦ ଦେଲା ଧୋଇ ।
ତେବେ ନାବିକ ନାବରେ ବସାଇଲା ନେଇ ।
ଲକ୍ଷ୍ମଣ ସୀତାଙ୍କୁ ଶୁଖିଲା ସ୍ଥାନ ଦେଇ ।"

ପାଦ ଧୋଇଦେଲା ପରେ ନାବିକର ଆଉକିଛି ଆପତ୍ତି ନଥିଲା ଏବଂ ସେ କାତ ମାରି ପବନ ବେଗରେ ନାବ ଚଳାଇ ଗଙ୍ଗା ପାର କରିଦେଲା । ଓହ୍ଲାଇଲା ପରେ ମଧ୍ୟ ନାବିକ ସାଙ୍ଗରେ ଆଉ କିଛି କଥାବାର୍ତ୍ତାର ଉଲ୍ଲେଖ ନାହିଁ ।

**ରାମଚରିତମାନସ :** କୁହାଯାଏ ଦାଣ୍ଡି ରାମାୟଣର ପ୍ରଭାବ ପରବର୍ତ୍ତୀ କାଳରେ ଅନ୍ୟ ଆଞ୍ଚଳିକ ଭାଷାରେ ଲେଖା ଯାଇଥିବା ରାମାୟଣ ଉପରେ ପଡ଼ିଥିଲା । ତୁଳସୀ ଦାସ (୧୫୩୨-୧୬୨୩) ଙ୍କ ଲେଖା ରାମଚରିତମାନସରେ କେଉଟ ପ୍ରସଙ୍ଗ

ବିଷଦଭାବେ ବର୍ଣ୍ଣନା କରାଯାଇଅଛି । ଶ୍ରୀରାମ ଗଙ୍ଗାକୂଳରେ ନାବିକ (କେଉଟ)କୁ ନୌକା ଆଣିବାକୁ ଡାକିଲେ; କିନ୍ତୁ ସେ ଆଣିଲା ନାହିଁ—

"ମାଗୀ ନାବ ନ କେବଟୁ ଆନା, କହଇ ତୁହ୍ମାର ମରମୁ ମୈଁ ଜାନା ।
ଚରନ କମଲ ରଜ କହୁଁ ସବୁ କହଇ, ମାନୁଷ କରନି ମୂରି କଛୁ ଅହଇ ।
ଛୁଅ ତ ସିଲା ଭଇ ନାରି ସୁହାଇ, ପାହନ ତେଁ ନ କାଠ କଠିନାଇ ।
ତରନିଉ ମୁନି ଘରିନୀ ହୋଇ ଜାଇ, ବାଟ ପରଇ ନାବ ଉଡ଼ାଇ ।"

ସେ କହିଲା– ମୁଁ ତୁମର ମରମ ଜାଣେ । ସମସ୍ତେ କହୁଛନ୍ତି, ତୁମ ପାଦଧୂଳିରେ ମଣିଷ କରିଦେବା ଭଳି ଜଡ଼ିବୁଟି ଅଛି । ତୁମ ପାଦ ଲାଗି ପଥରଟାଏ ସୁନ୍ଦରୀ ସ୍ତ୍ରୀ ପାଲଟିଗଲା । ମୋ ନାଆଟା ତ କାଠର, କାଠ ପଥରଠାରୁ ଟାଣ ନୁହେଁ । ତେଣୁ ମୋ ନାଆ ବି ମୁନିଙ୍କ ଘରଣୀ ପାଲଟିଯିବ । ନାଆଟି ଉଡେଇଗଲେ ମୋ ଜୀବିକାର ବାଟ ବନ୍ଦ ହୋଇଯିବ । ସେ ପୁଣି କହିଲା– ମୁଁ ନାଆ ସାହାଯ୍ୟରେ ପରିବାର ପୋଷୁଛି, ମୋତେ ଆଉ କିଛି ଧନ୍ଦା ଜଣାନାହିଁ । ହେ ପ୍ରଭୁ ! ତୁମେ ଯଦି ନଦୀ ପାର ହେବାକୁ ଚାହୁଁଛ, ତେବେ ତୁମ ପାଦପଦ୍ମ ଧୋଇବାକୁ ଦିଅ ।

ରାମଚରିତମାନସରେ କେଉଟ ପ୍ରସଙ୍ଗ ଭକ୍ତିର ସର୍ବୋଚ୍ଚ ରୂପ ଧାରଣ କରିଛି । କେଉଟ କୌଣସି ସାଧାରଣ ନାବିକ ନୁହେଁ, ସେ ପରମ ଭକ୍ତ । ସେ ପ୍ରଭୁଙ୍କୁ ଚିହ୍ନିଛି ଏବଂ ତାଙ୍କର ରହସ୍ୟ ବିଷୟରେ ତାର ସମ୍ପୂର୍ଣ୍ଣ ଜ୍ଞାନ (ତୁହ୍ମାର ମରମ ମୈଁ ଜାନା) ରହିଛି । ହେ ନାଥ, ମୁଁ ତୁମର ପାଦପଦ୍ମକୁ ଧୋଇବା ପରେ ହିଁ ତୁମକୁ ନାଆରେ ଚଢ଼ାଇବି, ମୋର ଉତାରାଇ (ପାରିଶ୍ରମିକ) ଦରକାର ନାହିଁ । ଲକ୍ଷ୍ମଣ ମୋତେ ତୀର ବିନ୍ଧି ଦିଅନ୍ତୁ ପଛେ, ପାଦ ନ ଧୋଇବା ଯାଏ ମୁଁ ନଦୀ ପାର କରିବି ନାହିଁ– ଏପରି କହିବା କେଉଟର ଦୃଢ଼ ଭକ୍ତିର ପରାକାଷ୍ଠା ।

ଶ୍ରୀରାମ ମଧ୍ୟ ଭକ୍ତର ମନ କଥା ବୁଝି ସୀତା ଓ ଲକ୍ଷ୍ମଣଙ୍କୁ ଚାହିଁ ହସିଲେ ଏବଂ କହିଲେ– ସେଇଆ କର, ଯେଉଁଥିରେ ତୁମର ନାଆ ଉଡେଇ ନ ଯିବ । ଶୀଘ୍ର ପାଣି ଆଣି ପାଦ ଧୋଇଦିଅ । ଡେରି ହେଲାଣି, ନଦୀ ପାର କରାଇ ଦିଅ । ତୁଳସୀ ଦାସ କହୁଛନ୍ତି, ଯାହାଙ୍କର ନାମ ଥରେ ଉଚ୍ଚାରଣ କଲେ ମଣିଷ ଭବସାଗରରୁ ପାରି ହୋଇଯାଏ, ଯାହାଙ୍କ ଦୁଇ ପାଦରେ ସାରା ସଂସାର ଆବୋରି ହୋଇଯାଏ,

ସେହି କୃପାଳୁ ଶ୍ରୀରାମ କେଉଟ ପାଖରେ ନେହୁରା ହେଉଛନ୍ତି ଯେ ନଦୀ ପାରି କରି ଦେ । ଭକ୍ତ ଆଗରେ ଭଗବାନ ନାଚାର ।

"ଅତି ଆନନ୍ଦ ଉମଗି ଅନୁରାଗା, ଚରନ ସରୋଜ ପଖାରନ ଲାଗା ।

ବରଷି ସୁମନ ସୁର ସକଲ ସିହାହୀଁ, ଏହି ସମ ପୁନ୍ୟପୁଞ୍ଜ କୋଉ ନାହିଁ ।"

ଅତି ଆନନ୍ଦ ଓ ପ୍ରେମରେ ଉତ୍‌ଫୁଲ୍ଲ ହୋଇ କେଉଟ ଗଙ୍ଗାଜଳରେ ଶ୍ରୀରାମଙ୍କର ପାଦପଦ୍ମ ଧୋଇବାକୁ ଲାଗିଲା । ଦେବତାମାନେ ପୁଷ୍ପବୃଷ୍ଟି କଲେ ଓ ତା' ଭାଗ୍ୟକୁ ପ୍ରଶଂସା କରି କହିଲେ, ଏହା ପରି ପୁଣ୍ୟବାନ୍ ଆଉ କେହି ନାହିଁ । ପ୍ରଭୁଙ୍କ ପଦ ପ୍ରକ୍ଷାଳନ କରି ଏବଂ ପରିବାର ସହିତ ନିଜେ ସେହି ଚରଣାମୃତ ପାନ କରି, କେଉଟ ତାର ପୂର୍ବପୁରୁଷଙ୍କୁ ଭବସାଗରରୁ ପାର କରାଇଦେଲା ଏବଂ ଆନନ୍ଦର ସହିତ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କୁ ନଦୀ ପାର କରାଇଦେଲା । କେଉଟ ନାଆରୁ ଓହ୍ଲାଇ ପ୍ରଭୁଙ୍କୁ ଦଣ୍ଡବତ ପ୍ରଣାମ କଲା ।

ତୁଳସୀ ଦାସ ଏଠାରେ କହିଛନ୍ତି ଯେ କେଉଟକୁ କିଛି ପାଉଣା ନ ଦେଇଥିବାରୁ ଶ୍ରୀରାମଙ୍କୁ ସଙ୍କୋଚ ଲାଗୁଥିଲା । ଏହା ଦେଖି ସୀତା ସ୍ୱାମୀଙ୍କ ହୃଦୟ କଥା ଜାଣିପାରି ଆନନ୍ଦରେ ହାତରୁ ରତ୍ନ ମୁଦିଟି କାଢ଼ି ଦେଲେ । କେଉଟ ତା' ନ ନେଇ ପ୍ରଭୁଙ୍କ ପାଦ ଧରି ପକାଇ କହିଲା– "ହେ ନାଥ, ମୁଁ ଆଜି କ'ଣ ନ ପାଇଛି । ମୁଁ ବହୁଦିନ ମୂଲ ଲାଗିଲିଣି । କିନ୍ତୁ ଆଜି ବିଧାତା ମୋର ପୂରା ମୂଲ ଦେଇଛି– ମୋର ଦୋଷ, ଦୁଃଖ ଓ ଦାରିଦ୍ର୍ୟର ଅଗ୍ନି ଆଜି ଲିଭିଗଲା । ହେ ଦୀନଦୟାଳୁ, ଆପଣଙ୍କ କୃପାରୁ ମୋର ଆଉ କିଛି ଦରକାର ନାହିଁ ।

ରାମଚରିତ ମାନସରେ ଥିବା କେଉଟ ପ୍ରସଙ୍ଗରୁ ଆମେ ଜାଣୁ ଯେ ଭକ୍ତ ଓ ଭଗବାନ ଉଭୟ ଉଭୟଙ୍କୁ ଚିହ୍ନି ପାରିବାରେ ତିଳେ ମାତ୍ର ଅସୁବିଧା ହୁଏ ନାହିଁ । ଭକ୍ତର ଦୃଢ଼ ଇଚ୍ଛା ଭଗବାନଙ୍କର ପାଦପଦ୍ମକୁ ସ୍ପର୍ଶ କରିବା, ନିଜ ହାତରେ ଧୋଇବା ଏବଂ ଚରଣାମୃତ ପାନ କରିବା । ସେ ପାଇଁ ତାର ଭୟ ନାହିଁ ଯେ ନଦୀ ପାର ନ କଲେ ଲକ୍ଷ୍ମଣଙ୍କର ଶରର ଶରବ୍ୟ ହେବାକୁ ପଡ଼ିପାରେ । ଏହା ପ୍ରଭୁଙ୍କ ପ୍ରତି ତାର ଅନନ୍ୟ ଭକ୍ତି ଏବଂ ସମର୍ପଣ ଭାବ । ସେଥିପାଇଁ ଦୟାଳୁ ପ୍ରଭୁଙ୍କର ତା' ପ୍ରତି ଅପାର କରୁଣା ଭକ୍ତ ମନର ଭାବକୁ ଗ୍ରହଣ କରି ଭାବଗ୍ରାହୀ ତାର ଦାବୀ ଅନୁସାରେ

ପାଦପଦ୍ମକୁ ବଢ଼ାଇ ଦିଅନ୍ତି ଧୋଇବା ପାଇଁ ଯେଉଁ ଭାଗ୍ୟ ବହୁ ତପସ୍ୟା ପରେ ମଧ୍ୟ ମୁନିରଷିଙ୍କୁ ମିଳିପାରେ ନାହିଁ ।

ଏହି ପ୍ରସଙ୍ଗରୁ ଆମେ ଆହୁରି ଜାଣୁ ଯେ ନିମ୍ନ ଜାତିର ଦରିଦ୍ର କେଉଟ ପାଇଁ ମଧ୍ୟ ଅଟଳ ଭକ୍ତିଦ୍ୱାରା ଭଗବାନଙ୍କ ଦ୍ୱାର ଉନ୍ମୁକ୍ତ ହୋଇଯାଏ । କେବଳ ଭକ୍ତ ନୁହେଁ, ତାର ପୂର୍ବପୁରୁଷମାନଙ୍କର ମଧ୍ୟ ଭବସାଗରରୁ ଉଦ୍ଧାର ହୋଇଯାଏ ।

**ବୈଦେହୀଶ ବିଳାସ :** ଉପେନ୍ଦ୍ରଭଞ୍ଜ (୧୬୭୦-୧୭୪୦)ଙ୍କ ଦ୍ୱାରା ଲିଖିତ ବୈଦେହୀଶ ବିଳାସରେ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ବନବାସ ଯାତ୍ରା ସମୟରେ କେଉଟ ପ୍ରସଙ୍ଗର ଉଲ୍ଲେଖ ନାହିଁ । ନୌକାର ମଧ୍ୟ ଉଲ୍ଲେଖ ନାହିଁ ।

"ବିହି ଭେଳା ବାଳା ସହୋଦର ମେଳା ଗଙ୍ଗା ପାର ହୋଇଗଲେ ।"

ଶ୍ରୀରାମ ସୀତା ଓ ଲକ୍ଷ୍ମଣଙ୍କ ସହିତ ଭେଳା ବାନ୍ଧି ଗଙ୍ଗା ନଦୀକୁ ପାର ହୋଇଯିବା କଥା ସେ ଲେଖିଛନ୍ତି ।

ତାଙ୍କ କାବ୍ୟରେ କେଉଟ ପ୍ରସଙ୍ଗ ଆସିଛି ଯେତେବେଳେ ଶ୍ରୀରାମ, ଲକ୍ଷ୍ମଣ, ବିଶ୍ୱାମିତ୍ର ଗଙ୍ଗା ପାର ହୋଇ ମିଥିଳାକୁ ଯାଉଛନ୍ତି ଜନକଙ୍କ ସଭାକୁ । ଡାକିବା ପରେ କେଉଟ (ଧୀବର) ନ ଶୁଣିବାରୁ, ସେ ବଧିର ବୋଲି ମନେହେଲା । କିନ୍ତୁ ସେ ଉତ୍ତର ଦେଲା–

"ବଧିର ନୁହଁଇ ବୀର          ବୋଇଲା ତହିଁ ଧୀବର
ଶୁଣିଲିଣି ପଥରେ ପଥର ଅବଳା ।
ବାଲି ପଡ଼ି ତୋ ଚରଣୁ          ଆଶଙ୍କା ଉପୁଜେ ଏଣୁ
ନଉକା ନାୟିକା ହେଲେ ବୁଡ଼ିବ ଭେଳା ।
ବୃତ୍ତି ଏ ମୋ ପୋଷେ କୁଟୁମ୍ବ ।
ବସାଇ ନ ଦେବି ପାଦ ନ ଧୋଇ ନାବ ।"

ମିଥିଳା ଯିବା ପୂର୍ବରୁ ଶ୍ରୀରାମଙ୍କ ପାଦସ୍ପର୍ଶରେ ଅହଲ୍ୟାଙ୍କର ଉଦ୍ଧାର ହୋଇଥିବାରୁ, ବୋଧହୁଏ ଉପେନ୍ଦ୍ରଭଞ୍ଜ କେଉଟ ପ୍ରସଙ୍ଗ ସେ ସମୟର ଗଙ୍ଗାନଦୀ ପାର ସହିତ ଯୋଡ଼ି ଦେଇଛନ୍ତି । କିନ୍ତୁ ଏଠାରେ ମଧ୍ୟ ଧୀବରର ଦୃଢ଼ ଭକ୍ତି ଏବଂ

ଭଗବାନଙ୍କର ଭକ୍ତ ପ୍ରତି ଅକୁଣ୍ଠ କରୁଣାର ଦୃଷ୍ଟାନ୍ତ ଆମେ ଦେଖିବାକୁ ପାଉ। କେବଳ ଧୀବରର ଭକ୍ତିର ରସମୟ ଚିତ୍ରଣ ନୁହେଁ, ଶ୍ରୀରାମଙ୍କ ଚରଣର ଦିବ୍ୟତାର କାବ୍ୟମୟ ବର୍ଣ୍ଣନା ଉପେନ୍ଦ୍ରଭଞ୍ଜଙ୍କ ପରି ଉଚ୍ଚକୋଟୀର କବିଙ୍କ ଦ୍ୱାରା ହିଁ ସମ୍ଭବ ହୋଇଛି—

"ବଢ଼ାଇ ଦେଲେ ପୟର ଭାବଗ୍ରାହୀ ରଘୁବୀର
ପୟରେ କ୍ଷାଳିତ କରି ବସନେ ପୋଛି
ବ୍ରହ୍ମାରେ ଧୌତ ଯେ ପଦ ନୋହିଛି ଶିବ ବିଷାଦ
ନ ପାଇ ଚରଣାମୃତ ପାନକୁ ଇଚ୍ଛି ।
ବିଜ୍ଞାନୀ କୈବର୍ତ୍ତ ଧୋଇଲା ।
ବିଶ୍ୱେ ପତିତପାବନ ନାମ ରହିଲା ।"

ଚରଣାମୃତ ପାନ କରିବାକୁ ଇଚ୍ଛା କରି ବ୍ରହ୍ମା ଯେଉଁ ବିଷ୍ଣୁ-ପାଦକୁ ଧୋଇ ପାରି ନାହାନ୍ତି ଏବଂ ଶିବ ମଧ୍ୟ ସେହି ପାଇଁ ବିଷାଦଗ୍ରସ୍ତ ହୋଇଛନ୍ତି, ଭାବଗ୍ରାହୀ ଭଗବାନ ଭକ୍ତର ଭକ୍ତିଭାବକୁ ଗ୍ରହଣ କରି କେଉଟକୁ ସେହି ପାଦ ଧୋଇବା ପାଇଁ ବଢ଼ାଇଦେଲେ ।

ଜ୍ଞାନ, ଧନ, କୁଳ, ଆତ୍ମସମ୍ମାନ ହୁଏତ ଭଗବାନଙ୍କ ସାନ୍ନିଧ୍ୟ ନ ଦେଇପାରେ; କିନ୍ତୁ ନିର୍ମଳ ଭକ୍ତିଦ୍ୱାରା ସରଳମନା ଭକ୍ତ ଅନାୟାସରେ ସେହି ସାନ୍ନିଧ୍ୟ ପାଇପାରେ । ବୋଧହୁଏ ଏହାହିଁ କେଉଟ ପ୍ରସଙ୍ଗର ମର୍ମ ।

**ଲୋକକଥା :** ଲିଖିତ ରାମାୟଣରେ ତ କେଉଟ ପ୍ରସଙ୍ଗର ଉଲ୍ଲେଖ ରହିଛି । ତା'ଛଡ଼ା ଲୋକକଥାରେ ମଧ୍ୟ କେଉଟ ପ୍ରସଙ୍ଗର ଆହୁରି କେତେ କୌତୂହଳଜନକ କଥା ଶୁଣିବାକୁ ମିଳେ–

"କେବଟ ନେ କହା ରଘୁରାଇ ସେ,
ଉତରାଇ ନ ଲୁଁଗା ହେ ଭଗବନ୍ ।
ମୈଁ ନଦୀ ନାଲ୍‌କା କେବଟ ହୁଁ,
ତୁମ ଭବସାଗରକେ ମାଲିକ ହୋ ।
ମୈଁ ୟହାଁ ପାର ଲଗାତା ହୁଁ,
ତୁମ ୱହାଁ ପାର ଲଗାତେ ହୋ ।"

କେଉଟ କହିଲା ଶ୍ରୀରାମଙ୍କୁ– ମୁଁ ତୁମଠାରୁ ଉତରାଇ (ପାରିଶ୍ରମିକ) ନେବି ନାହିଁ । ମୁଁ ନଦୀନାଳର ନାବିକ ମାତ୍ର, ତୁମେ ତ ଭବସାଗରର ମାଲିକ । ମୁଁ ସିନା ଏଠାରେ ଲୋକଙ୍କୁ ନଦୀନାଳ ପାରି କରାଉଛି, ତୁମେ ତ ସଂସାର ସାଗର ପାରି କରାଇ ଦେଉଛ । ଆଉ ଗୋଟିଏ କଥା ଶୁଣିବାକୁ ମିଳେ । କେଉଟ କହିଲା ଯେହେତୁ ଆମ ଦୁହିଁଙ୍କର ବ୍ୟବସାୟ ଏକପ୍ରକାର (ପାରି କରିବାର ବ୍ୟବସାୟ) ଆମର ପରସ୍ପରଠାରୁ ପାରିଶ୍ରମିକ ନେବାକଥା ନୁହେଁ । କଥାବାଚକମାନେ କେଉଟ ପ୍ରସଙ୍ଗରେ ଆଉ ଏକ ରହସ୍ୟାତ୍ମକ କଥା କହନ୍ତି– ରାମ ନାମ ସଂପର୍କରେ । କେଉଟକୁ ଯେତେବେଳେ ପାରିଶ୍ରମିକ ଦେବାପାଇଁ ଶ୍ରୀରାମ ଇଚ୍ଛାପ୍ରକାଶ କଲେ, ପ୍ରଥମେ ତ ସେ ଅନିଚ୍ଛା ପ୍ରକାଶ କଲା । ତା'ପରେ କହିଲା ମୁଁ ତୁମକୁ ନଦୀପାରି କରାଇ ଦେଇଛି । ତୁମେ ମୋତେ ଭବସଂସାରରୁ ପାରି କରାଇ ଦିଅ । ଶ୍ରୀରାମ କହିଲେ ତୁମେ ଯେତେବେଳେ ମୋର ଚରଣ ଧୋଇ ଚରଣାମୃତ ପାନ କଲ, ସେହି ମୁହୂର୍ତ୍ତରେ ତୁମର ମୋକ୍ଷ ନିଶ୍ଚିତ ହୋଇଯାଇଅଛି । ମୁଁ ତୁମକୁ ନଦୀ ପାରି କରିବା ପାଇଁ ଆଉ କ'ଣ ଦେବି କୁହ । ଭକ୍ତ କେଉଟର ଆଉ ବା ନିଜ ପାଇଁ କ'ଣ ଦରକାର ଥିଲା ? କିନ୍ତୁ ଜଗତମଙ୍ଗଳ କାମନା କରି ସେ କହିଲା– "ପ୍ରଭୁ ! ତୁମେ ଯଦି ମୋତେ ଆଉକିଛି ଦେବାକୁ ଚାହୁଁଛ, ତେବେ ହେ କରୁଣାକର ତୁମର ନାମ (ରାମ ନାମ)କୁ ଜଗତର ସବୁଠାରୁ ଶ୍ରେଷ୍ଠ ମନ୍ତ୍ର କରିଦିଅ ।" ଭକ୍ତର କଥା ରଖି ଶ୍ରୀରାମ 'ତଥାସ୍ତୁ' କହି କେଉଟଠାରୁ ବିଦାୟ ନେଲେ । କୁହାଯାଏ ସେବେଠାରୁ ରାମ ନାମ ଜଗତର ସବୁଠାରୁ ଶ୍ରେଷ୍ଠ ମନ୍ତ୍ର ଭାବେ ବିଦିତ ।

ରାମନାମ : ବିଷ୍ଣୁ ସହସ୍ରନାମର ପ୍ରସିଦ୍ଧ ଶ୍ଳୋକ ଏହି ପ୍ରକାରର–

"ଶ୍ରୀରାମ ରାମ ରାମେତି
ରମେ ରାମେ ମନୋରମେ ।
ସହସ୍ର ନାମ ତତ୍ ତୁଲ୍ୟଂ
ରାମ ନାମ ବରାନନେ ।"

ରାମ, ରାମ, ରାମ ନାମର ଉଚ୍ଚାରଣ ବିଷ୍ଣୁଙ୍କର ସହସ୍ର ନାମର ଉଚ୍ଚାରଣ ସହିତ ସମାନ । ରାମନାମର ଯେଉଁ ଶ୍ରେଷ୍ଠତା କେଉଟ ପ୍ରସଙ୍ଗ ସମ୍ବନ୍ଧୀୟ

ଲୋକକଥାରେ ଶୁଣାଯାଏ, ତାହା ବିଷ୍ଣୁ ସହସ୍ରନାମ ସ୍ତୋତ୍ରରେ ମଧ୍ୟ ପ୍ରତିପାଦିତ । କୁହାଯାଏ 'ରା' ଅକ୍ଷର ଅଷ୍ଟାକ୍ଷରୀ ମନ୍ତ୍ର "ଓଁ ନମୋ ନାରାୟଣାୟ"ରୁ ଆସିଛି ଏବଂ 'ମ' ଅକ୍ଷର ପଞ୍ଚାକ୍ଷରୀ ମନ୍ତ୍ର 'ନମଃ ଶିବାୟ"ରୁ ଆସିଛି । ସେ ପାଇଁ 'ରାମ' ଶବ୍ଦରେ ବୈଷ୍ଣବ ଓ ଶୈବ ପନ୍ଥାର ମିଳନ ହୋଇଛି ।

**ପ୍ରତୀକାତ୍ମକ ପ୍ରସଙ୍ଗ :** ଭାରତୀୟ ଭକ୍ତି ସାହିତ୍ୟରେ 'କେଉଟ ପ୍ରସଙ୍ଗ' ଏକ ମର୍ମସ୍ପର୍ଶୀ ଓ ତାତ୍ତ୍ୱିକ ଘଟଣା । ଏକ ସାଧାରଣ କେଉଟଦ୍ୱାରା ଶ୍ରୀରାମଙ୍କୁ ନଦୀ ପାରି କରାଇବାର କାହାଣୀକୁ ଭକ୍ତି ପରମ୍ପରା ଏକ ଗଭୀର ଆଧ୍ୟାତ୍ମିକ ପ୍ରସଙ୍ଗ କରି ତୋଳିଛି । କେଉଟ ଏକ ସାଧାରଣ ମଣିଷର ପ୍ରତୀକ । ଜୀବିକା ପାଇଁ ନଦୀ ପାରି କରାଉଥିବା ଶ୍ରମଜୀବୀ । କିନ୍ତୁ ସେ ତାର ଅନନ୍ୟ ଭକ୍ତିଦ୍ୱାରା ଭଗବାନଙ୍କ ନିକଟସ୍ଥ ହୋଇପାରିଛି । ତାର ସାମାଜିକ ସ୍ଥିତି ଅପେକ୍ଷା, ତାର ହୃଦୟର ପବିତ୍ରତା ଅଧିକ ମହତ୍ତ୍ୱପୂର୍ଣ୍ଣ । ଧନୀ, ଦରିଦ୍ର, ଉଚ୍ଚଜାତି, ନିମ୍ନଜାତି ଈଶ୍ୱରଙ୍କ ନିକଟରେ ସମସ୍ତେ ସମାନ ।

ପାଦ ପ୍ରକ୍ଷାଳନର ଉପରିଆ କାରଣ ହେଉଛି ଅହଲ୍ୟା ପ୍ରସଙ୍ଗ । କିନ୍ତୁ ପାଦ ପ୍ରକ୍ଷାଳନର ପ୍ରକୃତ ଅର୍ଥ – ଅହଂକାରର ପରିତ୍ୟାଗ, ଭଗବାନଙ୍କ ଆଗରେ ଆତ୍ମସମର୍ପଣ ଓ ଭକ୍ତିଦ୍ୱାରା ଆତ୍ମଶୁଦ୍ଧି । ଭାରତୀୟ ପରମ୍ପରାରେ 'ଚରଣାମୃତ' ମୋକ୍ଷ ଓ ପବିତ୍ରତାର ପ୍ରତୀକ । କେଉଟ ଚରଣ ଧୂଳିକୁ ନିଜର ମୁକ୍ତିର ମାଧ୍ୟମ ଭାବେ ଗ୍ରହଣ କରିଅଛି ।

ନଦୀ ଓ ନୌକା ମଧ୍ୟ ପ୍ରତୀକାତ୍ମକ । ନଦୀ ଓ ସମୁଦ୍ର ସଂସାରର ପ୍ରତୀକ । ନୌକା ସାଧନା ଓ ଭକ୍ତିର ପ୍ରତୀକ । ନଦୀ ପାରି ହେବା ମୋକ୍ଷର ପ୍ରତୀକ । କେଉଟ ନଦୀ ପାରି କରାଏ । ଈଶ୍ୱର ଜୀବକୁ ଭବସାଗରରୁ ପାରି କରାନ୍ତି । ଭକ୍ତିର ପ୍ରକୃତ ଅର୍ଥ 'ପ୍ରେମମୟୀ ସେବା' । ଭକ୍ତର ସାଧନା ନିଷ୍କାମ ସେବା । ଭଗବାନଙ୍କ କୃପାରୁ ହିଁ ମୁକ୍ତି ପ୍ରାପ୍ତ ହୁଏ, ପାରିଶ୍ରମିକ ଭାବେ ନୁହେଁ ।

କେଉଟ ପ୍ରସଙ୍ଗର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତାତ୍ପର୍ଯ୍ୟ ହେଉଛି ସାମାଜିକ ସମତା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତି ଓ ମୁକ୍ତି ସମସ୍ତଙ୍କ ଅଧିକାରଭୁକ୍ତ । ବ୍ରହ୍ମବିଦ୍ୟା ସମିତିର ମୂଳମନ୍ତ୍ର ସାମାଜିକ ସମତା ଉପରେ ପ୍ରତିଷ୍ଠିତ । ବିଶ୍ୱଭ୍ରାତୃତ୍ୱ ବା Universal Brotherhood ସାମାଜିକ ସମତାର ଅନ୍ୟ ନାମ । ଯେଉଁ ମହାତ୍ମା

ଦୁହେଁ ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠା କରାଇଥିଲେ ସେମାନେ ସାମାଜିକ ସମତା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ । ଆରମ୍ଭରେ ସିନେଟ୍ ଏବଂ ହ୍ୟୁମ୍ ସମିତିରେ ଯୋଗ ଦେଇଥିଲେ ଏବଂ ସେମାନଙ୍କ ଧାରଣା ହେଲା ଯେ ବ୍ରହ୍ମବିଦ୍ୟାର ଗୂଢ଼ ଦର୍ଶନ କେବଳ ବିଦ୍ୱାନ ଲୋକ ବୁଝିପାରିବେ । ତେଣୁ ସମିତିରେ ମଳିମୁଣ୍ଡିଆଙ୍କୁ ନ ପୁରାଇ କେବଳ ପାଠଶାଠ ପଢ଼ିଥିବା ଲୋକଙ୍କୁ ରଖାଯାଉ । ଏଥିପାଇଁ ସେ ଦୁହିଁଙ୍କୁ ମହାତ୍ମାମାନଙ୍କଠାରୁ ଭର୍ତ୍ସନା ଶୁଣିବାକୁ ପଡ଼ିଥିଲା । ସେମାନଙ୍କ ମତକୁ ଗ୍ରହଣ କରିଥିଲେ ବ୍ରହ୍ମବିଦ୍ୟା ସମିତିରୁ କେଉଟ, ଶବରୀଙ୍କ ପରି ନିଆରା ଭକ୍ତ ବାଦ ପଡ଼ିଯାଆନ୍ତେ । ମହାତ୍ମାଙ୍କ ଭାଷାରେ–"The term 'Universal Brotherhood' is no idle phrase. Humanity in the man has a paramount claim upon us... It is the only secure foundation for universal morality. If it be a dream, it is at least a noble one for mankind and it is the aspiration of the true adept." (The Mahatma Letter No.5.)

ସାମାଜିକ ସମାନତା ଏବଂ ଈଶ୍ୱରଙ୍କ ସାନ୍ନିଧ୍ୟ ସାଧାରଣ ଭକ୍ତର ଅଧିକାରଭୁକ୍ତ । କେଉଟ, ଶବରୀ, ଦାସିଆ ବାଉରୀ, ସାଲବେଗ ଏବଂ ଆହୁରି ଅନନ୍ୟ ଭକ୍ତଙ୍କ ଉଦାହରଣରୁ ଆମର ଏହି ଅବଧାରଣା ହୁଏ । କୁହାଯାଏ ଭକ୍ତି ଜ୍ଞାନର ମାତା । ପ୍ରକୃତ ଆଧ୍ୟାତ୍ମିକ ଜ୍ଞାନ ବା ଆତ୍ମ-ସାକ୍ଷାତ୍କାର କେବଳ ଈଶ୍ୱରଙ୍କ ପ୍ରତି ଅନନ୍ୟ ପ୍ରେମ, ପୂର୍ଣ୍ଣ ସମର୍ପଣ ଏବଂ ନିଷ୍କାମ ସେବା(ଭକ୍ତି)ଦ୍ୱାରା ହିଁ ସମ୍ଭବ । ନିରୋଳା ଭକ୍ତି ଅହଂକାରକୁ ଦୂର କରି ହୃଦୟରେ ପ୍ରକୃତ ଜ୍ଞାନ ସଞ୍ଚାର କରେ । ଅନ୍ୟଥା ଭକ୍ତିରହିତ ବୃଥା ଜ୍ଞାନ ମଣିଷକୁ ଅହଂକାରୀ କରିଦିଏ ଏବଂ ଆଧ୍ୟାତ୍ମିକ ପ୍ରଗତିରେ ବାଧା ସୃଷ୍ଟି କରେ । ସେଥିପାଇଁ ଶିବସୂତ୍ରରେ କୁହାଯାଇଛି–'ଜ୍ଞାନଂ ବନ୍ଧଃ' । ସେ ଦୃଷ୍ଟିରୁ କେଉଟ ପ୍ରସଙ୍ଗରୁ ଆମେ ପ୍ରେମ, ସମର୍ପଣ ଏବଂ ନିଷ୍କାମ ସେବା ଭାବରେ ଅନୁପ୍ରାଣିତ ହେବାର ଶିକ୍ଷା ଲାଭ କରୁଁ ।

*(ପାଠକମାନଙ୍କୁ ଅନୁରୋଧ ଗୁରୁ କେଳୁଚରଣ ମହାପାତ୍ରଙ୍କଦ୍ୱାରା ଅଭିନୀତ Kevat Prasang ଆଧାରିତ ଓଡ଼ିଶୀ ନୃତ୍ୟ ଦେଖିବା ପାଇଁ । ଏହା ଏବେ YouTube ରେ ଉପଲବ୍ଧ ।)* ❖❖❖

# ‘ଶ୍ରୀମଦ୍‌ଭଗବଦ୍‌ଗୀତା’ରେ ଧ୍ୟାନ

ଡକ୍ଟର ଚିନ୍ମୟୀ ମହାପାତ୍ର

“ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍
ତତ୍‌ପଦଂ ଦର୍ଶିତଂ ଯେନ ତସ୍ମୈଶ୍ରୀ ଗୁରବେ ନମଃ ॥”

ଯେଉଁ ଅଖଣ୍ଡମଣ୍ଡଳାକାର ପରମସତ୍ତା ସର୍ବଥା ପୂର୍ଣ୍ଣ, ଯେଉଁ ସ୍ୱୟଂସଂପୂର୍ଣ୍ଣ ସତ୍ତାରୁ ପୂର୍ଣ୍ଣମାତ୍ରା ବହିର୍ଗତ ହେଲା ପରେ ମଧ୍ୟ ତାହା ପୂର୍ଣ୍ଣ ବା ଅଖଣ୍ଡ ହିଁ ରହିଥାଏ, ତାଙ୍କରି ପଦ ବା ସ୍ଥିତିକୁ ଯେ ଦେଖାଇ ଦେଇପାରନ୍ତି, ସେହି ଗୁରୁଙ୍କୁ ନମସ୍କାର । ‘ଶ୍ରୀମଦ୍‌ଭଗବଦ୍‌ଗୀତାରେ ସେହିପରି ଅନନ୍ୟସାମର୍ଥ୍ୟଶୀଳ ପରମଗୁରୁଙ୍କର ମୁଖନିଃସୃତ ଗୀତ ବା ବାକ୍ୟାବଳୀ ହିଁ ପ୍ରକାଶ ପାଇଛି, ଯାହା ଦେଶ-କାଳ ନିର୍ବିଶେଷରେ ସଂଶୟ ଓ ବିଷାଦରେ ପୀଡ଼ିତ ସବୁ ମଣିଷଙ୍କ ପାଇଁ ଶାଶ୍ୱତ ଅମୃତମୟ ଜ୍ଞାନର ଉତ୍ସ ହୋଇ ରହିଛି ।

ଧର୍ମଯୁଦ୍ଧରେ ଲଢ଼ିବାକୁ ଅଗ୍ରସର ହୋଇଥିବା ଅର୍ଜୁନଙ୍କ ରଥର ସାରଥି ଥିଲେ ଭଗବାନ ଶ୍ରୀକୃଷ୍ଣ । ରଥକୁ ଠିକ୍ ବାଟରେ, ଠିକ୍ ଭାବରେ ଚଳାଇ ରଥୀଙ୍କର ସୁରକ୍ଷା ଓ କର୍ତ୍ତବ୍ୟସାଧନରେ ସହାୟକ ହେବାର ଦାୟିତ୍ୱ ସେ ନେଇଥିଲେ । ଅଧିକନ୍ତୁ ଉପସ୍ଥିତ ପରିସ୍ଥିତିରେ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ନିରୂପଣରେ ଅସମର୍ଥ ହୋଇ ଅର୍ଜୁନ ତାଙ୍କୁ ଗୁରୁ ରୂପେ ସ୍ୱୀକାର କଲେ । ଶିଷ୍ୟ ଭାବରେ ଶରଣାପନ୍ନ ହୋଇ କଲ୍ୟାଣକର ଉପଦେଶ ନିମନ୍ତେ ପ୍ରାର୍ଥନା କଲେ – “ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ।” ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶଃ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ ଆଦି ଷଡ଼୍‌ଗୁଣକୁ ‘ଭଗ’ କୁହାଯାଏ । ଯେ ଏହି ଷଡ଼୍‌ଗୁଣର ଅଧିକାରୀ ସେ ‘ଭଗବାନ୍’ । ସଂଶୟ ଓ ବିମୂଢ଼ତାକୁ ଦୂର କରି ମନୁଷ୍ୟକୁ ସଦ୍‌ଜ୍ଞାନର ଉପଦେଶ ଦେବା ଓ ସତ୍ ପଥ ଦେଖାଇବା ନିମନ୍ତେ ଭଗବାନ୍ ସର୍ବାଧିକ ସମର୍ଥ; ତେଣୁ ସେ ହିଁ ପରମଗୁରୁ । ଅର୍ଜୁନଙ୍କର ସଂଶୟ ମୋଚନ ବ୍ୟପଦେଶରେ ସେ ଯେଉଁ ଜ୍ଞାନ ପ୍ରଦାନ କରିଛନ୍ତି

ତାହା ପରାବିଦ୍ୟା । 'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ ପ୍ରତ୍ୟେକ ଅଧ୍ୟାୟର ଶେଷରେ ପୁଷ୍ପିକାରେ ଏହା ଉପନିଷଦର ସାର, ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ର ବୋଲି ଉଲ୍ଲେଖ କରାଯାଇଛି । (ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍‌ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜ୍ଜୁନସମ୍ବାଦେ ଯୋଗେ ନାମ ଅଧ୍ୟାୟଃ) ।

ଗୀତାରେ 'ଯୋଗ' ଶବ୍ଦର ପ୍ରୟୋଗ ବିଭିନ୍ନ ସ୍ଥଳରେ ବିଭିନ୍ନ ଅର୍ଥ ପ୍ରକାଶ କରିଥାଏ । ତେବେ ଆଧ୍ୟାତ୍ମିକତା କ୍ଷେତ୍ରରେ ପରମାତ୍ମାଙ୍କ ସହିତ ଜୀବାତ୍ମାର ସଂଯୋଗର ପ୍ରକ୍ରିୟା ଓ ଅବସ୍ଥାକୁ ଯୋଗ ବୋଲି କୁହାଯାଏ । ଧ୍ୟାନ ଯୋଗର ଏକ ପର୍ଯ୍ୟାୟ ।

'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ ନିଜ ଭିତରେ ପରମାତ୍ମାଙ୍କୁ ଅନୁଭବ କରିବା ପାଇଁ ଧ୍ୟାନକୁ ଅନ୍ୟତମ ଉପାୟ ବୋଲି କୁହାଯାଇଛି–

"ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦ୍‌ଆତ୍ମାନଂ ଆତ୍ମନା" ।

କର୍ମ, ଜ୍ଞାନ ଓ ଭକ୍ତିଯୋଗକୁ ଅବଲମ୍ବନ କରି ପରମାତ୍ମସାଯୁଜ୍ୟ ଲାଭ କରାଯାଇପାରେ । ସ୍ୱତନ୍ତ୍ର ଭାବେ ଧ୍ୟାନଯୋଗର ସାଧନାଦ୍ୱାରା ମଧ୍ୟ ବ୍ରହ୍ମ ନିର୍ବାଣ ପ୍ରାପ୍ତ ହେବା ସମ୍ଭବ । ତେବେ କର୍ମମାର୍ଗ, ଜ୍ଞାନମାର୍ଗ, ଭକ୍ତିମାର୍ଗର ସାଧକମାନେ ମଧ୍ୟ ଭଗବଦ୍‌ଭଜନ, ସତ୍‌ସଙ୍ଗ, ସ୍ୱାଧ୍ୟାୟାଦି ସହିତ ଧ୍ୟାନରେ ନିୟୋଜିତ ହୋଇପାରନ୍ତି ।

ଯେଉଁମାନେ ସକଳ କର୍ମ ଈଶ୍ୱରଙ୍କୁ ଅର୍ପଣ କରି ଈଶ୍ୱର ପରାୟଣ ହୋଇ ଅନନ୍ୟ ଯୋଗରେ ଈଶ୍ୱରଙ୍କୁ ଧ୍ୟାନ କରନ୍ତି, ଅର୍ଥାତ୍ ନିଜର ଶକ୍ତି–ସାମର୍ଥ୍ୟ ପରିବର୍ତ୍ତେ ଐଶୀକୃପାକୁ ଉପାୟ ଓ ଉପେୟ ରୂପେ ଗ୍ରହଣ କରି କେବଳ ତାଙ୍କରିଠାରେ ନିବିଷ୍ଟଚିତ୍ତ ହୋଇଥାନ୍ତି । ଈଶ୍ୱର ସେମାନଙ୍କୁ ମୃତ୍ୟୁମୟ ସଂସାର ସାଗରରୁ ଉଦ୍ଧାର କରନ୍ତି ବୋଲି ମଧ୍ୟ ଗୀତାରେ ଭଗବାନ୍ କହିଛନ୍ତି—

"ଯେ ତୁ ସର୍ବାଣି କର୍ମାଣି ମୟି ସନ୍ନ୍ୟସ୍ୟ ମତ୍ପରାଃ ।
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ॥
ତେଷାମହ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।
ଭବାମି ନ ଚିରାତ୍‌ପାର୍ଥ ମୟ୍ୟାବେଶିତଚେତସାମ୍ ॥'

(ଗୀତା, ୧୨/୬-୭)

ଈଶ୍ୱରଙ୍କଠାରେ ମନକୁ ସ୍ଥିର କରି, ବୁଦ୍ଧିକୁ ନିବେଶ କରି ରଖିବା ଫଳରେ ମନୁଷ୍ୟ ନିଃସଂଶୟରେ ଈଶ୍ୱରଙ୍କଠାରେ ଅବସ୍ଥାନ କରେ; ଅର୍ଥାତ୍ ଅହଂବୋଧଶୂନ୍ୟ ହୋଇ ଈଶ୍ୱରସାରୂପ୍ୟ ଭାବରେ ମଗ୍ନ ହୁଏ ।

ଜ୍ଞାନ ଅପେକ୍ଷା ଧ୍ୟାନ ଶ୍ରେୟସ୍କର (ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ) ବୋଲି ମଧ୍ୟ କୁହାଯାଇଛି । କାରଣ ଚିତ୍ତଚାଞ୍ଚଲ୍ୟ ଥିଲେ ଶାସ୍ତ୍ରପଠନଦ୍ୱାରା ଜ୍ଞାନୀ ହୋଇଥିବା ବ୍ୟକ୍ତି ଧ୍ୟାନସ୍ଥ ହୋଇପାରେ ନାହିଁ; ମାତ୍ର ଧ୍ୟାନୀର ଚିତ୍ତ ଏକାଗ୍ର ହୋଇଥିବାରୁ ସେ ଯଥାର୍ଥ ଜ୍ଞାନର ଉପଲବ୍ଧି କରିପାରେ, ପରମ ସହିତ ଏକାତ୍ମତାକୁ ଅନୁଭବ କରିପାରେ ।

ଧ୍ୟାନ ପରମପ୍ରାପ୍ତିର ଅନ୍ୟତମ ଉପାୟ । ଧ୍ୟାନ ଏକ କ୍ରିୟା, ଏକ ଅବସ୍ଥା ମଧ୍ୟ ।

'ଧ୍ୟାନ' ମୂଳତଃ ଏକ ସଂସ୍କୃତ ଶବ୍ଦ । 'ଧ୍ୟୈ' – (ଧ୍ୟାନେ) ଧାତୁରୁ ଉତ୍ତର ଭାବେ– 'ଲ୍ୟୁଟ୍' ପ୍ରତ୍ୟୟ ଯୋଗରେ ନିଷ୍ପନ୍ନ 'ଧ୍ୟାନ' ଏକ କ୍ରିୟାବାଚକ ବିଶେଷ୍ୟ ପଦ । ଏହାର ଅର୍ଥ ଚିନ୍ତା କରିବା, ମନୋଯୋଗ କରିବା, ଏକାଗ୍ର ଅଭିନିବେଶ ଇତ୍ୟାଦି । ଆମେ କେତେକ ବିଷୟ ପ୍ରତି ଧ୍ୟାନ ଦେଉନା; କେତେକ ବିଷୟକୁ ଅଧିକ ଧ୍ୟାନ ଦେଉ । ସାଧାରଣ ମଣିଷ ସାଂସାରିକ ବା ଭୌତିକ ବିଷୟ ପ୍ରତି ବିଶେଷ ଧ୍ୟାନ ଦେଇଥାଏ । ସେସବୁ ତା' ମନରେ କାମନା–ବାସନା ଜଗାଇଥାଏ, ଆସକ୍ତି ସୃଷ୍ଟି କରିଥାଏ । ତାହା ହିଁ ଲୋଭ । କାମନାର ପୂର୍ତ୍ତି ନ ହେଲେ କ୍ରୋଧ ଆସେ । କ୍ରୋଧ ସମ୍ମୋହ ବା ମୂଢ଼ତାର କାରଣ ହୋଇଥାଏ । ମୂଢ଼ତାର ପ୍ରଭାବ ମନୁଷ୍ୟର ମନରେ ଥିବା ଜ୍ଞାନର ସ୍ମରଣରେ ବାଧା ସୃଷ୍ଟି କରେ; ଉଚିତ୍–ଅନୁଚିତ, କାର୍ଯ୍ୟ–ଅକାର୍ଯ୍ୟ ବିଷୟକୁ ଭୁଲାଇ ଦିଏ । ଏହାଫଳରେ ବିଚାରବୁଦ୍ଧି ନଷ୍ଟ ହୁଏ । ବ୍ୟକ୍ତିର ପତନ ହୁଏ ।

'ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଭିଜାୟତେ ।
କ୍ରୋଧାଦ୍ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।"

(ଶ୍ରୀମଦ୍ଭଗବଦ୍ଗୀତା, ୨/୬୨–୬୩)

ତେଣୁ ପତନର ସମ୍ଭାବନାକୁ ଏଡ଼ାଇ ଉତ୍‌ଥାନ ପାଇଁ ଉନ୍ମୁଖ ମନୁଷ୍ୟ ସାଂସାରିକ ବିଷୟରୁ ଧ୍ୟାନ ହଟାଇବା ପ୍ରଥମ ଆବଶ୍ୟକତା । ବିଷୟବାସନାରୁ ନିବୃତ୍ତ, ନିସ୍ପୃହ, ମୁଁ-ମୋର ଭାବକୁ ଅତିକ୍ରମ କରିଥିବା ବ୍ୟକ୍ତି ହିଁ ଶାନ୍ତିଲାଭ କରିଥାଏ । (ଗୀତା, ୨/୭୧) ଏହିପରି ଶାନ୍ତ ଅବସ୍ଥାକୁ 'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ 'ବ୍ରାହ୍ମୀସ୍ଥିତି' ବା 'ବ୍ରହ୍ମନିର୍ବାଣ' ବୋଲି କୁହାଯାଇଛି । ଏହି ବ୍ରାହ୍ମୀସ୍ଥିତି ହିଁ ବ୍ରହ୍ମବିଦ୍ୟାର୍ଥୀ ଓ ବ୍ରହ୍ମବିଦ୍ୟାବିତ୍‌ଙ୍କର ଚରମ ଧ୍ୟେୟ ।

ଧ୍ୟେୟର ଅର୍ଥ ଧ୍ୟାନର ଯୋଗ୍ୟ ବିଷୟ । ଚରମଧ୍ୟେୟ ବ୍ରହ୍ମନିର୍ବାଣ, ଅର୍ଥାତ୍ ବ୍ରହ୍ମ ସହିତ ଏକତ୍ୱବୋଧ ପ୍ରାପ୍ତ ହେବାପାଇଁ ମନୁଷ୍ୟର ବୁଦ୍ଧି ମୋହ ରୂପକ ପଙ୍କକୁ ଅତିକ୍ରମ କରିବା ସହିତ ଭୋଗ କରିଥିବା ଓ ଭୋଗ ପାଇଁ ଉପାଦେୟ ବୋଲି ଶୁଣିଥିବା, ଜାଣିଥିବା ସମସ୍ତ ବିଷୟ ପ୍ରତି ବୈରାଗ୍ୟଭାବ ପୋଷଣ କରିଥିବା ଆବଶ୍ୟକ ହୋଇଥାଏ । ବିଭିନ୍ନ ଶାସ୍ତ୍ରର ଜ୍ଞାନ, ସେସବୁରେ ଥିବା ମତଭେଦ ହେତୁ ବିଚଳିତ ବୁଦ୍ଧି ଅବିଚଳ ବା ନିଶ୍ଚଳ ହୋଇଗଲା ପରେ ହିଁ ଯୋଗ (ଆତ୍ମା ବା ବ୍ରହ୍ମ ସହିତ ଏକାତ୍ମତା) ସମ୍ଭବ ହୋଇଥାଏ ।

ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ ।

ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ॥" (୧୮/୪୬)

ଅର୍ଥାତ୍, ଯେଉଁ ପରମାତ୍ମାଙ୍କଠାରୁ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ହୋଇଥାଏ, ଯାହାଙ୍କଦ୍ୱାରା ଏ ସମଗ୍ର ସଂସାର ବ୍ୟାପ୍ତ ହୋଇଛି, ମନୁଷ୍ୟ ନିଜ କର୍ମଦ୍ୱାରା ତାଙ୍କର ଅର୍ଚ୍ଚନା କରି ସିଦ୍ଧିପ୍ରାପ୍ତ ହୁଏ । ଏହି ଶ୍ଳୋକରୁ ପ୍ରତିପାଦିତ ହୋଇଥାଏ ଯେ ଆତ୍ମା ଓ ପରମାତ୍ମା ମଧ୍ୟରେ ସାଧର୍ମ୍ୟ ବା ସ୍ୱରୂପଗତ ଅଭିନ୍ନତା ଓ ଅବିଚ୍ଛିନ୍ନ ସମ୍ପର୍କ ରହିଛି । ଜଳଧି ଓ ଜଳତରଙ୍ଗ ପରି ଆତ୍ମାର ପରମାତ୍ମାରୁ ଉଦ୍ଭବ ଓ ପରମାତ୍ମାରେ ବିଳୟ । ତେଣୁ ଆତ୍ମା ପରମାତ୍ମାଠାରୁ କିଛି କାମନା କରିବାର ଆବଶ୍ୟକତା ନ ଥାଏ । କେବଳ ସେହି ଅଭିନ୍ନତାବୋଧକୁ ଉପଲବ୍ଧି କରିବା ପାଇଁ ଆପାତ ଭିନ୍ନତାର ବିଭ୍ରାନ୍ତିକୁ ଦୂର କରିବାକୁ ହୁଏ । ନିଜର ସ୍ୱରୂପକୁ ଦେଖିବା ପାଇଁ ଆବରଣର ଉନ୍ମୋଚନ ଆବଶ୍ୟକ ଥାଏ । ଏହି ଉନ୍ମୋଚନ କ୍ରିୟା ବା ବିଭ୍ରାନ୍ତିର ଦୂରୀକରଣ ହୋଇଗଲେ ସମାହିତ ଅବସ୍ଥା ପ୍ରାପ୍ତ ହୁଏ । ସମାହିତ ହେବା ପାଇଁ ଧ୍ୟାନରେ ପୂର୍ଣ୍ଣତଃ ମଗ୍ନ ହେବାକୁ ହୋଇଥାଏ ।

ଚିତ୍ତବୃତ୍ତିସମୂହର ନିରୋଧ କରି ଚିତ୍ତକୁ ଶାନ୍ତ, ଅବିଚଳିତ ଭାବରେ ନିବିଷ୍ଟ କରିବା ହିଁ ଯୋଗ । ତେବେ ଏହା ତ ସହଜସାଧ୍ୟ ବ୍ୟାପାର ନୁହେଁ । ଏହି ବାସ୍ତବତା ସଂପର୍କରେ ଅର୍ଜୁନ ମଧ୍ୟ ସଚେତନ ଥିଲେ । ମନ ସ୍ୱଭାବତଃ ଚଞ୍ଚଳ, ବିଭ୍ରାନ୍ତି ଓ ବିପର୍ଯ୍ୟୟକାରକ, ପୁଣି ଅତିଶୟ ଶକ୍ତିଶାଳୀ ହୋଇଥିବାରୁ ତାକୁ ଆୟତ୍ତ କରିବା ପବନକୁ ଧରି ରଖିବା ପରି ଅସମ୍ଭବ ବୋଲି ମନେ କରିଥିଲେ । ଯୋଗଯୁକ୍ତ ହେବାର ସମ୍ଭାବନା ସଂପର୍କରେ ସନ୍ଦୀହାନ ହୋଇ ପରମ ଗୁରୁ ଭଗବାନଙ୍କୁ ସମାଧାନର ପନ୍ଥା ଜିଜ୍ଞାସା କରିଥିଲେ । ସଙ୍ଗେସଙ୍ଗେ ଉତ୍ତର ମିଳିଲା–

"ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍ ।

ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେ ଚ ଗୃହ୍ୟତେ ।" (୬/୩୫)

ନିଜକୁ (ନିଜର ଶରୀର, ଇନ୍ଦ୍ରିୟସମୂହ ଓ ମନକୁ) ପୂର୍ଣ୍ଣତଃ ଆୟତ୍ତ ନ କଲେ ଯୋଗାବସ୍ଥା ପ୍ରାପ୍ତ ହୋଇପାରିବା ଦୁଷ୍କର । ତେବେ ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ତାହା ସମ୍ଭବ ହୋଇଥାଏ । 'ଯୋଗସୂତ୍ର'ରେ ମଧ୍ୟ ଚିତ୍ତବୃତ୍ତିର ନିରୋଧ ନିମନ୍ତେ ଅଭ୍ୟାସ ଓ ବୈରାଗ୍ୟକୁ ହିଁ ଦୁଇଟି ଉପାୟ ବୋଲି କୁହାଯାଇଛି – "ଅଭ୍ୟାସବୈରାଗ୍ୟାଭ୍ୟାଂ ତନ୍ନିରୋଧଃ ।।" (ସମାଧିପାଦ, ୧୨)

ଅଭ୍ୟାସ ବଳରେ ମନୁଷ୍ୟ ନାନା ଅସାଧ୍ୟ କାର୍ଯ୍ୟର ସାଧନରେ ସମର୍ଥ ହୋଇଥାଏ । କୌଣସି କାର୍ଯ୍ୟକୁ ନିଖୁଣ ଭାବରେ, ନିପୁଣତାର ସହିତ ସମ୍ପାଦନ କରିବାରେ ମଧ୍ୟ ସଫଳ ହୋଇଥାଏ । "ଯୋଗଃ କର୍ମସୁ କୌଶଳମ୍" (୨/୫୦) ଉକ୍ତିରେ ଏହା ସୂଚିତ ହୋଇଛି ।

ସାଂସାରିକ ବିଷୟ, ଇନ୍ଦ୍ରିୟସମ୍ଭୋଗ ପ୍ରତି ଆସକ୍ତିକୁ ଯୋଗର ପ୍ରତିକୂଳ ବୋଲି ବୁଝି ସେଥିରୁ ମନକୁ ଫେରାଇବା ଆବଶ୍ୟକ । କିନ୍ତୁ ମନ ଶୂନ୍ୟ ରହିପାରେ ନାହିଁ । ତାକୁ ଇଷ୍ଟନାମ କିମ୍ବା କୌଣସି ମନ୍ତ୍ରର ଜପ ଅଥବା କୌଣସି ନିର୍ଦ୍ଦିଷ୍ଟ ଉତ୍ତମ ଭାବନାରେ ନିୟୋଜିତ କରି ତହିଁରେ ସ୍ଥିର ରଖିବାର ଅଭ୍ୟାସ କରିବାକୁ ପଡ଼େ । ନିରନ୍ତର ବା ଅବିଚ୍ଛିନ୍ନ ଭାବରେ ସ୍ଥିରତାର ଅଭ୍ୟାସ କଲେ ତହିଁରେ ଦୃଢ଼ତା ଆସେ । ତାହେଲେ ଚିତ୍ତ-ବିକାର ବା ବିଚଳିତ ହେବାର କାରଣ ଉପସ୍ଥିତ ହେଲେ ମଧ୍ୟ ରାଗ-ଦ୍ୱେଷ-ଭୟ-ଘୃଣା ଆଦି ଭାବର ଉଦୟ ହୁଏ ନାହିଁ । ଏପରି ଅବସ୍ଥା ପ୍ରାପ୍ତ ହୋଇଥିବା

ବ୍ୟକ୍ତିଙ୍କୁ 'ଯୋଗସୂତ୍ର'ରେ 'ଧୀର' ବୋଲି କୁହାଯାଇଛି । ଗୀତାରେ ଏହି ଅର୍ଥରେ ଧୀର, ସ୍ଥିତଧୀ, ସ୍ଥିତପ୍ରଜ୍ଞ ଆଦି ଶବ୍ଦର ପ୍ରୟୋଗ ଲକ୍ଷ୍ୟ କରାଯାଏ । ଏପରି ବ୍ୟକ୍ତିଙ୍କର ଦେଖୁଥିବା ବା ଶୁଣୁଥିବା ଆଦି ଇନ୍ଦ୍ରିୟଗମ୍ୟ ବିଷୟ ପ୍ରତି ଅନୁରକ୍ତି ବା ଭୋଗ-ତୃଷ୍ଣା ନ ଥାଏ । ଏହାକୁ ହିଁ ବୈରାଗ୍ୟ କୁହାଯାଏ । (ଯୋଗସୂତ୍ର ୧୫-୧୬ ଦ୍ରଷ୍ଟବ୍ୟ) ଏହା ବିନା ଧ୍ୟାନର ପ୍ରକୃତ ଧ୍ୟେୟ ନିରୂପିତ ହୋଇ ନଥାଏ ।

ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ ଯୋଗର ଆଦ୍ୟ ପ୍ରବକ୍ତା ହିରଣ୍ୟଗର୍ଭ ବୋଲି 'ମହାଭାରତ'ରେ ଉଲ୍ଲେଖ ଅଛି ।

"ସାଂଖ୍ୟସ୍ୟ ବକ୍ତା କପିଳଃ ପରମର୍ଷି ସ ଉଚ୍ୟତେ ।
ହିରଣ୍ୟଗର୍ଭୋ ଯୋଗସ୍ୟ ବକ୍ତା ନାନ୍ୟଃ ପୁରାତନଃ ।।"

(ମହା-୧୨/୩୪୯/୬୫)

ଏଥିରୁ ସୂଚିତ ହୁଏ ଯେ ଯୋଗମାର୍ଗର ପ୍ରବର୍ତ୍ତନ ଓ ପ୍ରଚଳନ ଅତି ପୁରାତନ କାଳରୁ ଥିଲା । ମହାଭାରତ ଯୁଦ୍ଧ କାଳରେ ଅର୍ଜ୍ଜୁନଙ୍କର ସଂଶୟ ଓ ବିଷାଦକୁ ଦୂର କରିବା ପାଇଁ ଜ୍ଞାନୋପଦେଶ ଦେବା କାଳରେ ଭଗବାନ୍ ଶ୍ରୀକୃଷ୍ଣ ସେହି ମାର୍ଗ ସଂପର୍କରେ ଆଲୋଚନା କରିଥିଲେ । ପରବର୍ତ୍ତୀ କାଳରେ ମହର୍ଷି ପତଞ୍ଜଳି ଯୋଗ ସଂପର୍କୀୟ ଜ୍ଞାନକୁ ସୂତ୍ର ଆକାରରେ ପ୍ରକାଶ କରିଛନ୍ତି ।

'ପାତଞ୍ଜଳ ଯୋଗସୂତ୍ର'ରେ ଯୋଗର ଆଠଗୋଟି ପ୍ରକ୍ରିୟାର ଉଲ୍ଲେଖ ରହିଛି— ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ।

ପ୍ରଥମେ ଯମ ଓ ନିୟମର ପାଳନଦ୍ୱାରା ଅନ୍ତଃକରଣ ଶୁଦ୍ଧ ହୋଇଥାଏ । 'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ ଅନ୍ତଃକରଣଶୁଦ୍ଧି ଓ ଆତ୍ମସଂଯମ ଉପରେ ଗୁରୁତ୍ୱ ଦିଆଯାଇଛି । ଅନ୍ତଃକରଣର ଶୁଦ୍ଧତା ବିନା ବିବେକର ଉଦୟ, ଚେତନାର ଉତ୍ତରଣ ଓ ଦିବ୍ୟାନୁଭବ ସମ୍ଭବ ହୁଏନାହିଁ ।

ଧ୍ୟାନ କରିବା ପାଇଁ ସ୍ଥିର ଭାବରେ ଓ ସୁଖପୂର୍ବକ ଦୀର୍ଘସମୟ ବସିବାକୁ ହୁଏ । ଶରୀରର କ୍ରିୟା ସଂପର୍କରେ ବିସ୍ମୃତ ହୋଇ ଚିତ୍ତ ନିଶ୍ଚଳ ଭାବରେ ଅନନ୍ତ ସତ୍ତାରେ ଯୁକ୍ତ ହେଲେ ଆସନସିଦ୍ଧି ହୁଏ ଓ କ୍ଷୁଧା-ତୃଷା, ଶୀତ-ଉଷ୍ଣ ଆଦି ଦ୍ୱନ୍ଦ୍ୱ

ଆଉ କଷ୍ଟର କାରଣ ହୁଏ ନାହିଁ । ଯାହାର ଅନ୍ତଃକରଣ ଜ୍ଞାନ-ବିଜ୍ଞାନରେ ତୃପ୍ତ, ସେପରି ଜିତେନ୍ଦ୍ରିୟ ଓ ନିର୍ବିକାର ଯୋଗୀ ଏକାନ୍ତ ସ୍ଥାନରେ ରହି ସର୍ବଦା ଓ ନିରନ୍ତର ପରମାତ୍ମାଙ୍କଠାରେ ମନୋନିବେଶ କରିବାର କଥା ଗୀତାରେ କୁହାଯାଇଛି । ଏହାହିଁ ଧ୍ୟାନ । ଧ୍ୟାନ କରିବା ପାଇଁ ପବିତ୍ର ସ୍ଥାନଟିଏ ନିର୍ଣ୍ଣୟ କରିବା ଆବଶ୍ୟକ । ସ୍ଥାନର ବାତାବରଣ ମନକୁ ପ୍ରଭାବିତ କରିଥାଏ । ଅତ୍ୟନ୍ତ ଉଚ୍ଚ କି ଅତି ନିମ୍ନ ସ୍ଥାନ ଧ୍ୟାନର ଉପଯୋଗୀ ନୁହେଁ । ତେଣୁ ସ୍ୱଳ୍ପ ଉଚ୍ଚତାରେ ପ୍ରଥମେ କୁଶ, ତା' ଉପରେ ମୃଗ ଚର୍ମ, ଚର୍ମ ଉପରେ ବସ୍ତ୍ର ବିଛାଇ ସ୍ଥିର ଭାବରେ ଆସନରେ ବସି ଧ୍ୟାନ କରିବା ବିଧେୟ । ସେହିପରି ଆସନରେ ଉପବେଶନ କରି ଚିତ୍ତ ଓ ଇନ୍ଦ୍ରିୟ ସମୂହର କ୍ରିୟାକୁ ଆୟତ୍ତରେ ରଖି, ମନକୁ ଏକାଗ୍ର କରି ଅନ୍ତଃକରଣର ଶୁଦ୍ଧି ନିମନ୍ତେ ଯୋଗାଭ୍ୟାସ କରିବା ଆବଶ୍ୟକ । କାୟା, ଶିର ଓ ଗ୍ରୀବାକୁ ସଳଖ ଭାବରେ ସ୍ଥିର ରଖି, କୌଣସି ଆଡ଼କୁ ଦୃଷ୍ଟି ନ ଦେଇ କେବଳ ନିଜ ନାସିକାର ଅଗ୍ରଭାଗରେ ନିଶ୍ଚଳ ଦୃଷ୍ଟି ସ୍ଥାପନ କରିବା ପାଇଁ ଗୀତାରେ କୁହାଯାଇଛି–

"ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟାଃ ।
ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍ ଯୋଗମାତ୍ମବିଶୁଦ୍ଧୟେ ।।
ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ ।
ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ।" (୬/୧୨-୧୩)

ସକଳ ଉପନିଷଦର ନିର୍ଯ୍ୟାସ 'ଶ୍ରୀମଦ୍‌ଭଗବଦ୍‌ଗୀତା' ଉପନିଷଦର କଥନକୁ ହିଁ ପ୍ରତିଧ୍ୱନିତ କରିଛି । 'ଶ୍ୱେତାଶ୍ୱେତର ଉପନିଷଦ'ରେ କୁହାଯାଇଛି—

"ତ୍ରିରୁନ୍ନତଂ ସ୍ଥାପ୍ୟ ସମଂ ଶରୀରଂ
ହୃଦୀନ୍ଦ୍ରିୟାଣି ମନସା ସଂନିବେଶ୍ୟ ।
ବ୍ରହ୍ମୋଡୁପେନ ପ୍ରତରେତ ବିଦ୍ୱାନ୍
ସ୍ରୋତାଂସି ସର୍ବାଣି ଭୟାବହାନି ।।
ପ୍ରାଣାନ୍ ପ୍ରପୀଡ୍ୟେହ ସଂଯୁକ୍ତଚେଷ୍ଟଃ
କ୍ଷୀଣେପ୍ରାଣେ ନାସିକୟୋଚ୍ଛ୍ୱସୀତ ।

ଦୃଷ୍ଟାଶ୍ଚ ଯୁକ୍ତମିବ ବାହମେନଂ

ବିଦ୍ୱାନ୍ ମନୋ ଧାରୟେତାପ୍ରମତ୍ତଃ ।"

(ଶ୍ୱେତାଶ୍ୱେତର ଉପ.ଅଂ-୨/୮-୯)

ଅର୍ଥାତ୍, ଶରୀରର ତିନି ଅଙ୍ଗ (ବକ୍ଷ, ଗ୍ରୀବା ଓ ମସ୍ତକ)କୁ ଉନ୍ନତ ବା ସଳଖ ରଖି ଇନ୍ଦ୍ରିୟଗଣଙ୍କୁ ମନ ସହିତ ହୃଦୟରେ ସନ୍ନିବିଷ୍ଟ କରାଇ ବ୍ରହ୍ମ (ଓଁକାରରୂପୀ ଏକାକ୍ଷର ବ୍ରହ୍ମ) ରୂପକ ନୌକା ସାହାଯ୍ୟରେ ବିଦ୍ୱାନ୍‌ମାନେ ଭୟଙ୍କର ସ୍ରୋତସମୂହକୁ ଅତିକ୍ରମ କରିଥା'ନ୍ତି । ଶରୀରର ସକଳ ଚେଷ୍ଟାକୁ ନିୟନ୍ତ୍ରଣ କରି ପ୍ରାଣ ବା ଶ୍ୱାସବାୟୁକୁ ରୋଧ କରିବ ଓ ପ୍ରାଣ କ୍ଷୀଣ ହେଲାପରେ ନାସିକାଦ୍ୱାରା ଶ୍ୱାସବାୟୁ ଗ୍ରହଣ କରିବ । କୁଶଳ ସାରଥି ଦ୍ରୁତଗାମୀ ଅଶ୍ୱଙ୍କୁ ନିୟନ୍ତ୍ରିତ କଲା ପରି ଅପ୍ରମତ୍ତ ଭାବରେ ମନକୁ ନିୟନ୍ତ୍ରଣ କରିବ । ସମତଳ ଓ ପବିତ୍ର; ସୂକ୍ଷ୍ମ ପ୍ରସ୍ତର, ଅଗ୍ନି, ବାଲୁକା ଆଦି ବର୍ଜିତ, ମନର ଅନୁକୂଳ, ନେତ୍ରକୁ ପୀଡ଼ା ପ୍ରଦାନ କରୁ ନ ଥିବା ନିବାତ ବା ଏକାନ୍ତ ସ୍ଥାନରେ ବସି ଧ୍ୟାନ ବା ଯୋଗ ସାଧନା କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

'ବ୍ରହ୍ମସୂତ୍ର'ରେ ମଧ୍ୟ ଧ୍ୟାନ କରିବା ପାଇଁ ଶରୀରକୁ ଗତିରହିତ କରି ଆସୀନ ହେବାର ନିର୍ଦ୍ଦେଶ ରହିଛି–

"ଆସୀନଃ ସମ୍ଭବାତ୍" (ବ୍ରହ୍ମସୂତ୍ର, ୪/୧/୭)

"ଧ୍ୟାନାଚ୍ଚ" (ବ୍ରହ୍ମସୂତ୍ର, ୪/୧/୮)

"ଅଚଳତ୍ୱଂ ଚାପେକ୍ଷ ।।" (ବ୍ରହ୍ମସୂତ୍ର, ୪/୧/୯)

"ସ୍ମରନ୍ତି ଚ ।।" (ବ୍ରହ୍ମସୂତ୍ର, ୪/୧/୧୦)

"ଯତ୍ରୈକାଗ୍ରତା ତତ୍ରାବିଶେଷାତ୍ ।।" (ବ୍ରହ୍ମସୂତ୍ର, ୪/୧/୧୧)

ଶରୀରର ଅବସ୍ଥା ମନକୁ ପ୍ରଭାବିତ କରିଥାଏ । ଶରୀରର ଚଳନ, ଚକ୍ଷୁ ପ୍ରଭୃତି ଇନ୍ଦ୍ରିୟର କ୍ରିୟାଶୀଳତା ଚିତ୍ତବିକ୍ଷେପର କାରଣ ହୋଇଥାଏ । ଠିଆ ହୋଇ ରହିଲେ ମନ ଦେହକୁ ଧାରଣ କରିବା ବିଷୟରେ ସତର୍କ ରହିବାରୁ ସୂକ୍ଷ୍ମ ଅନୁଶୀଳନର ଅନୁକୂଳ ହୁଏ ନାହିଁ । ଶୟନ ଅବସ୍ଥାରେ ନିଦ୍ରା ବା ସ୍ୱପ୍ନରେ ବିବଶ ହେବାର

ସମ୍ଭାବନା ଥାଏ । ତେଣୁ ଆସୀନ ହେବା ବା ବସିବାଦ୍ୱାରା ଉପାସନା ଓ ଧ୍ୟାନ କରିବାରେ ଅବାଧତା ସମ୍ଭବ ହୋଇଥାଏ । ନିଶ୍ଚଳ ଭାବେ ଆସନରେ ବସି ଧ୍ୟେୟ ବା ଇଷ୍ଟର ସ୍ମରଣ କରାଯାଏ । ଯେଉଁଠାରେ କୌଣସି ବିଶେଷଣର ପ୍ରଭାବରେ ଏକାଗ୍ରତା ଭଙ୍ଗ ହେବାର ସମ୍ଭାବନା ନ ଥାଏ ବା ଚିତ୍ତ ଧ୍ୟାନରେ ନିବିଷ୍ଟ ହେବା ସହଜ ହୁଏ, ସେପରି ସ୍ଥାନରେ ବସି ଧ୍ୟାନ କରିବା ଉଚିତ ।

କେବଳ ଏପରି ବସିଗଲେ ଯେ ସିଦ୍ଧି ଆସିଯାଏ ତାହା ନୁହେଁ । ତା' ପରେ ଚିତ୍ତକୁ ଶାନ୍ତ ଓ ନିର୍ମଳ କରିବା ପାଇଁ ପ୍ରାଣାୟାମ, ଅର୍ଥାତ୍ ପ୍ରଶ୍ୱାସ ଓ ନିଃଶ୍ୱାସର ଗତିକୁ ବିଚ୍ଛିନ୍ନ କରି ନିୟନ୍ତ୍ରଣ କରିବାକୁ ହୁଏ । ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଓ ଇନ୍ଦ୍ରିୟସମୂହ ଉପରେ ବିଜୟ ପ୍ରାପ୍ତ କରାଯାଇପାରେ । ପ୍ରାଣ ବା ଶରୀର ମଧ୍ୟରେ ଗତାଗତ ହେଉଥିବା ବାୟୁ ସହିତ ମନର ଘନିଷ୍ଠ ସଂପର୍କ ଥିବା ହେତୁ ପ୍ରାଣକୁ ନିୟନ୍ତ୍ରିତ କରିବାଦ୍ୱାରା ମନର ନିୟନ୍ତ୍ରଣ, ଚିତ୍ତବୃତ୍ତିର ନିରୋଧ ସୁକର ହୋଇଥାଏ । ତେଣୁ ଧାରଣା ଓ ଧ୍ୟାନ ପୂର୍ବରୁ ପ୍ରାଣାୟାମ କରିବାର ଆବଶ୍ୟକତା ଥାଏ ।

ପ୍ରଣାୟାମଦ୍ୱାରା ବିବେକ-ଜ୍ଞାନକୁ ଆବୃତ କରି ରଖିଥିବା ମଳିନତା କ୍ରମେ କ୍ରମେ କ୍ଷୟପ୍ରାପ୍ତ ହୋଇଥାଏ ଓ ଜ୍ଞାନାଲୋକର ସ୍ଫୁରଣ ହୁଏ । ମହର୍ଷି ମନୁ ଏକ ସୁନ୍ଦର ଉପମା ପ୍ରୟୋଗ କରି ଏହି କଥା ବୁଝାଇ ଦେଇଛନ୍ତି—

"ଦହ୍ୟନ୍ତେ ଧ୍ମାୟମାନାନାଂ ଧାତୁନାଂ ହି ଯଥା ମଳାଃ ।

ତଥେନ୍ଦ୍ରିୟାଣାଂ ଦହ୍ୟନ୍ତେ ଦୋଷାଃ ପ୍ରାଣସ୍ୟ ନିଗ୍ରହାତ୍ ।।"

ସୁବର୍ଣ୍ଣ ଆଦି ଧାତୁ ଅଗ୍ନିରେ ଦଗ୍ଧ ହେଲେ ତାହାର ମଳ ନଷ୍ଟ ହେଲାପରି ପ୍ରାଣାୟାମ କ୍ରିୟା ଦ୍ୱାରା ଇନ୍ଦ୍ରିୟମାନଙ୍କର ମଳ ନଷ୍ଟ ହୋଇଯାଇଥାଏ । ଫଳରେ ମନ ମଧ୍ୟ ସ୍ଥିର ହୋଇଯାଇଥାଏ ।

'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ ମଧ୍ୟ ପ୍ରାଣାୟାମ କ୍ରିୟା ସଂପର୍କରେ କୁହାଯାଇଛି–

"ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।

ପ୍ରଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ।" (୪/୨୯)

ଅର୍ଥାତ୍, ପ୍ରାଣାୟାମପରାୟଣ ଯୋଗୀମାନେ ଅପାନରେ ପ୍ରାଣ ବାୟୁକୁ ପୂରକ କରି, ପ୍ରାଣ ଓ ଅପାନର ଗତିକୁ ରୁଦ୍ଧ (କୁମ୍ଭକ) କରି ପ୍ରାଣରେ ଅପାନକୁ ଆହୂତି ଦିଅନ୍ତି ବା ରେଚକ କରନ୍ତି ।

ଆହୁରି ମଧ୍ୟ କୁହାଯାଇଛି–

"ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।

ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ।।

ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।

ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ ।" (୫/୨୭-୨୮)

ଅର୍ଥାତ୍, ବାହ୍ୟପଦାର୍ଥସମୂହକୁ ବାହାରେ ପରିତ୍ୟାଗ କରି, ଚକ୍ଷୁ ଯୁଗଳର ଦୃଷ୍ଟିକୁ ଦୁଇ ଭ୍ରୂଲତାର ମଧ୍ୟସ୍ଥଳରେ ସ୍ଥିର କରି, ନାସିକା ପଥରେ ବିଚରଣଶୀଳ ପ୍ରାଣ ଓ ଅପାନବାୟୁକୁ ସମ କରି ଇନ୍ଦ୍ରିୟ-ମନ-ବୁଦ୍ଧିକୁ ଆୟତ୍ତ କରିପାରିଥିବା, ଇଚ୍ଛା-ଭୟ-କ୍ରୋଧ ଆଦି ଭାବକୁ ପରିହାର କରିଥିବା ମୁନି ସଦାମୁକ୍ତ ଥା'ନ୍ତି । ସାଂସାରିକ ବନ୍ଧନ ସେମାନଙ୍କୁ ପ୍ରଭାବିତ କରେ ନାହିଁ ।

ପ୍ରାଣାୟାମର ପରବର୍ତ୍ତୀ ସୋପାନ ପ୍ରତ୍ୟାହାର । ପ୍ରତ୍ୟାହାର ଶବ୍ଦର ଅର୍ଥ ଫେରାଇ ଆଣିବା । ଆଧ୍ୟାତ୍ମିକତା କ୍ଷେତ୍ରରେ ପ୍ରତ୍ୟାହାର କହିଲେ ଇନ୍ଦ୍ରିୟ ବିଷୟରୁ ନିବୃତ୍ତ ହେବାକୁ ବୁଝାଏ । ପ୍ରତ୍ୟାହାରଦ୍ୱାରା ଇନ୍ଦ୍ରିୟମାନଙ୍କର ପରମ, ଅର୍ଥାତ୍ ସର୍ବୋତ୍ତମ ବଶୀକରଣ ହୋଇଥାଏ ବୋଲି 'ଯୋଗସୂତ୍ର'ରେ କୁହାଯାଇଛି– "ତତଃ ପରମାବଶ୍ୟତେନ୍ଦ୍ରିୟାଣାମ୍ ।" (ସାଧନପାଦ, ୫୫)

ଆସନ, ପ୍ରାଣାୟାମ ଓ ପ୍ରତ୍ୟାହାର ଦ୍ୱାରା ଚିତ୍ତର ଚଞ୍ଚଳତା ଦୂର ହେଲାପରେ ଏକ ନିର୍ଦ୍ଦିଷ୍ଟ ଧ୍ୟେୟ ବିଷୟରେ ଚିତ୍ତକୁ ନିବିଷ୍ଟ କରି ରଖିବାକୁ ହୁଏ । ସେହି ଧ୍ୟେୟ ବା ଚିତ୍ତ ନିବେଶର ବିଷୟ ଯୋଗୀ ନିଜର ରୁଚି ଅନୁଯାୟୀ ନିର୍ଦ୍ଧାରଣ କରିଥା'ନ୍ତି । 'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ ପରମଗୁରୁ ଭଗବାନ୍ ଏ ସଂପର୍କରେ ନିର୍ଦ୍ଦେଶ ଦେଇଛନ୍ତି–

"ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରୀବ୍ରତେ ସ୍ଥିତଃ ।

ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ ।।

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।

ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି ।।" (୬/୧୪-୧୫)

ଭୟାଦି ଭାବ ରହିତ ବ୍ରହ୍ମଚର୍ଯ୍ୟବ୍ରତନିଷ୍ଠ ଶାନ୍ତ ଅନ୍ତଃକରଣଯୁକ୍ତ ଯୋଗୀ ମନକୁ ସଂଯତ କରି (ସାଂସାରିକ ବିଷୟରୁ ନିବର୍ତ୍ତାଇ) କେବଳ ମୋ'ଠାରେ ଚିତ୍ତ ନିବେଶ କରି ରହନ୍ତୁ । ସଦାସର୍ବଦା ନିରନ୍ତର ଭାବରେ ଏହିପରି ନିବିଷ୍ଟମନା ହୋଇ ମୋ'ଠାରେ ନିଶ୍ଚଳ ହୋଇ ରହି ନିର୍ବାଣପରମା ଶାନ୍ତି ପ୍ରାପ୍ତ ହୁଏ । ଏହା ଧ୍ୟାନଯୋଗରେ ଲାଭ ହେଉଥିବା ନିର୍ବିକଳ୍ପ ସ୍ଥିତି ।

'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ ଏହାକୁ ହିଁ ଯୋଗାବସ୍ଥା ବୋଲି କୁହାଯାଇଛି–

"ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।

ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ।" (୬/୧୮)

ସାଧକର ସଂଯତ, ବଶୀକୃତ ଚିତ୍ତ ଯେତେବେଳେ ଆତ୍ମାରେ, ଅର୍ଥାତ୍ ନିଜର ସ୍ୱରୂପରେ ଅବସ୍ଥାନ କରେ, ଐହିକ ଓ ପାରତ୍ରିକ ସକଳ କାମନାରୁ ନିବୃତ୍ତ ନିଃସ୍ପୃହ ହୋଇଯାଏ, ସେତେବେଳେ ତାକୁ ଯୋଗୀ କୁହାଯାଏ । ଏକ ପ୍ରକୃଷ୍ଟ ଉପମାର ପ୍ରୟୋଗ କରି ଏହି ଯୋଗଯୁକ୍ତ ଅବସ୍ଥାକୁ ବୁଝାଇ ଦିଆଯାଇଛି । ବାୟୁ ଚଳାଚଳ ନ ଥିବା ସ୍ଥାନରେ ଦୀପଶିଖା ଯେପରି ନିଶ୍ଚଳ ରହିଥାଏ, ଯୋଗାଭ୍ୟାସରତ ସଂଯତଚିତ୍ତ ଯୋଗୀମାନଙ୍କର ଚିତ୍ତ ସେହିପରି ଅବିଚଳ ରହିଥାଏ ।

ଧାରଣା, ଧ୍ୟାନ ଓ ସମାଧି — ଯୋଗର ଏହି ଅନ୍ତିମ ଓ ଚରମ ଅବସ୍ଥାତ୍ରୟ ମଧ୍ୟରୁ ସମାଧି ଅଙ୍ଗୀ । ଧାରଣା ଓ ଧ୍ୟାନ ତାହାର ଅଙ୍ଗ ।

ନିର୍ଦ୍ଦିଷ୍ଟ ବିଷୟରେ ଚିତ୍ତକୁ ନିବିଷ୍ଟ କରିବାକୁ ଆରମ୍ଭ କରିବା ଅବସ୍ଥାରେ 'ଧ୍ୟାତା' (ଧ୍ୟାନ କରୁଥିବା ବ୍ୟକ୍ତିର ସଚେତନ ମନ), 'ଧ୍ୟାନ' (ଧ୍ୟାନ କରିବାର ପ୍ରକ୍ରିୟା ବା ଚିତ୍ତବୃତ୍ତି) ଓ 'ଧ୍ୟେୟ' (ଯାହାକୁ ଧ୍ୟାନ କରାଯାଏ ବା ଧ୍ୟାନର ବିଷୟ) ସଂପର୍କରେ ଭେଦବୁଦ୍ଧି ଥାଏ । 'ମୁଁ ଧ୍ୟାନ କରୁଛି', 'ଏହି କ୍ରିୟାର ନାମ ଧ୍ୟାନ', 'ଏହି ବିଷୟକୁ ଧ୍ୟାନ କରୁଛି' ଆଦି ସଂପର୍କରେ ସାଧକ ସଚେତନ ଥାଏ । ଏହି ତିନିଟିଯାକର ସମାହାର ଅର୍ଥାତ୍, ଏକତ୍ର ହେବାକୁ ତ୍ରିପୁଟୀ କୁହାଯାଏ ।

ଏ ତିନିଟିର ସମାହାର ହେବା ପୂର୍ବରୁ ଯେପର୍ଯ୍ୟନ୍ତ ମଝିରେ ମଝିରେ ଅନ୍ୟ ବୃତ୍ତି ଆସୁଥାଏ, ଚିତ୍ତ କିଛି କିଛି ସମୟର ବ୍ୟବଧାନରେ ଅନ୍ୟ ବିଷୟର ସ୍ମରଣ କରୁଥାଏ, ଅଥଚ ପୁଣି ଧ୍ୟେୟ ବିଷୟକୁ ଧାରଣା କରିବାକୁ ପ୍ରୟାସ କରୁଥାଏ, ସେପର୍ଯ୍ୟନ୍ତ ତାହାକୁ ଧାରଣା କୁହାଯାଏ । ଏହି ବ୍ୟବଧାନ ନ ଆସି, (ବିଜାତୀୟ ବୃତ୍ତି ଦ୍ୱାରା ବିଚ୍ଛେଦ ନ ଘଟି) ସେହି ଧ୍ୟେୟ ବିଷୟରେ ପ୍ରତ୍ୟୟ (ବୃତ୍ତି)ର ନିରବଚ୍ଛିନ୍ନ ଏକତାନତା ସମ୍ପାଦିତ ହେଲେ, ତାହାକୁ ଧ୍ୟାନ କୁହାଯାଏ ।

"ତତ୍ର ପ୍ରତ୍ୟୟୈକତାନତା ଧ୍ୟାନମ୍ ।" (ଯୋଗସୂତ୍ର, ବିଭୂତିପାଦ, ୨)

'ଧ୍ୟାନ' ଅବସ୍ଥାରେ ମନର ପ୍ରବାହ ଏକମାତ୍ର ସ୍ୱରୂପରେ ସ୍ଥିର ରହିଥାଏ । ନିରନ୍ତର ଯୋଗାଭ୍ୟାସ ବା ଧ୍ୟାନଦ୍ୱାରା ଚିତ୍ତ ଉପରତ ହୋଇଯାଏ । ସକଳ ବିଷୟରୁ ନିବୃତ୍ତ ହୋଇ ଯୋଗୀ ଏ ଅବସ୍ଥାରେ ନିଜ ଭିତରେ କେବଳ ନିଜକୁ ଦେଖିଥାଏ, ଅର୍ଥାତ୍ ସ୍ୱରୂପଦର୍ଶନ କରିଥାଏ ଓ ଅଖଣ୍ଡ ସନ୍ତୋଷର ଅଧିକାରୀ ହୋଇଥାଏ । ଏ ଅବସ୍ଥାରେ ଧ୍ୟାନଯୋଗୀ ଯେଉଁ ଆତ୍ୟନ୍ତିକ, ଇନ୍ଦ୍ରିୟାତୀତ, ବୁଦ୍ଧିଗ୍ରାହ୍ୟ ସୁଖ ଅନୁଭବ କରିଥାଏ, ସେହି ତତ୍ତ୍ୱ (ତତ୍+ତ୍ୱ) ବା ପରମାବିଷ୍ଟତାର ଅବସ୍ଥାରୁ କେବେ ବିଚଳିତ ହୁଏ ନାହିଁ । ସେହି ସୁଖ ଲାଭ କରିବା ପରେ ତା'ଠାରୁ ଅଧିକ କିଛି ଲାଭ କରାଯାଇପାରେ ବୋଲି ତା'ର ମନେ ହୁଏ ନାହିଁ । ସେହି ଅବସ୍ଥା ଲାଭ କରିବା ପରେ ସେ କୌଣସି ଦାରୁଣ ଦୁଃଖରେ ମଧ୍ୟ ବିଚଳିତ ହୁଏ ନାହିଁ । (୬/୨୦-୨୨)

ଏହି ଦିବ୍ୟସୁଖସନ୍ତୋଷ ପାଇଁ ସଂସାର-ସମ୍ବନ୍ଧଜନିତ ଦୁଃଖର ବିୟୋଗ ଆବଶ୍ୟକ । ତେଣୁ ଭଗବାନ୍ କହିଛନ୍ତି ଯେ ଦୁଃଖସଂଯୋଗର ବିୟୋଗକୁ ଯୋଗ ବୋଲି ଜାଣିବା ଉଚିତ । ନିରୁଦ୍‌ବିଗ୍ନ ଅବିଚଳିତ ଧୀର ଚିତ୍ତରେ ଦୃଢ଼ ନିଶ୍ଚୟର ସହିତ ଧ୍ୟାନଯୋଗର ଅଭ୍ୟାସରେ ରତ ରହିବା ଉଚିତ । ପ୍ରିୟ-ଅପ୍ରିୟ ଆଦି ଭାବନା ହେତୁ ଆସୁଥିବା ସଂକଳ୍ପରୁ ଜାତ କାମନାନିଚୟକୁ ପୂର୍ଣ୍ଣତଃ ପରିତ୍ୟାଗ କରି ମନ ସାହାଯ୍ୟରେ ଇନ୍ଦ୍ରିୟମାନଙ୍କୁ ସବୁ ଦିଗରୁ ନିୟନ୍ତ୍ରିତ କରି ଧୃତିଯୁକ୍ତ ବୁଦ୍ଧି ଦ୍ୱାରା (ବିବେକଦ୍ୱାରା) ଧୀରେଧୀରେ ସଂସାର ବିଷୟରୁ ଉପରତ ବା ନିବୃତ୍ତ ହେବା ଧ୍ୟାନର ପ୍ରାକ୍‌ପ୍ରସ୍ତୁତି । ଅବ୍ୟଭିଚାରିଣୀ (ଇହଲୋକ ତଥା ପରଲୋକର ବିଷୟଭୋଗ ପ୍ରତି ଆସକ୍ତ ନ ହୋଇ କେବଳ ପରମାତ୍ମାଙ୍କୁ ଲାଭ କରିବା ପାଇଁ ନିଷ୍ଠା ରଖୁଥିବା)

ସାତ୍ତ୍ୱିକୀ ଧୃତି ଦ୍ୱାରା ମନ, ପ୍ରାଣ ଓ ଇନ୍ଦ୍ରିୟସମୂହର କ୍ରିୟାକୁ ଧାରଣ କରାଯାଇଥାଏ । (ଗୀତା୧୮/୩୩) ବୁଦ୍ଧି ଏଠାରେ ବିବେକଜ୍ଞାନକୁ ସୂଚିତ କରୁଛି । ତତ୍ପରେ ମନକୁ ଆତ୍ମସ୍ୱରୂପରେ ସମ୍ୟକ୍ ଭାବରେ ସ୍ଥାପନ କରିବା ଓ ଅନ୍ୟ କିଛି ହେଲେ ଚିନ୍ତା ନ କରିବା ପାଇଁ କୁହାଯାଇଛି—

"ସଙ୍କଳ୍ପପ୍ରଭବାନ୍ କାମାଂସ୍ତକ୍ତ୍ୱା ସର୍ବାନଶେଷତଃ ।
ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ॥
ଶନୈଃ ଶନୈରୁପରମେଦ୍‌ବୁଦ୍ଧ୍ୟା ଧୃତିଗୃହୀତୟା ।
ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ॥" (୬/୨୪-୨୫)

ସ୍ୱଭାବତଃ ଅସ୍ଥିର ଓ ଚଞ୍ଚଳ ମନ ଯେଉଁଯେଉଁ ସ୍ଥାନରେ ବିଚରଣ କରେ, ଏହାକୁ ସେହିସେହି ସ୍ଥାନରୁ ନିବୃତ୍ତ କରାଇ ଆତ୍ମାରେ ହିଁ ନିବେଶ କରିବାକୁ କୁହାଯାଇଛି । (ଗୀତା,୬/୨୬) ମନକୁ ଆତ୍ମସ୍ୱରୂପରେ ନିବିଷ୍ଟ କରାଇବାର ତାତ୍ପର୍ଯ୍ୟ ହେଉଛି 'ବ୍ରହ୍ମ'ରେ ତଲ୍ଲୀନ ହୋଇଯିବା ।

ଏହିପରି ଭାବରେ ନିଜକୁ ସଦାସର୍ବଦା ପରମାତ୍ମାଙ୍କଠାରେ ସଂଯୁକ୍ତ କରି ରଖୁଥିବା ରାଗଦ୍ୱେଷ ମୋହାଦି କଳ୍ମଷରୁ ମୁକ୍ତ ହୋଇଥିବା ଯୋଗୀ ଅନାୟାସରେ ବ୍ରହ୍ମସଂସ୍ପର୍ଶ ରୂପକ ଆତ୍ୟନ୍ତିକ ସୁଖର ଅନୁଭବପ୍ରାପ୍ତ ହୋଇଥା'ନ୍ତି ।

'ଶ୍ରୀମଦ୍‌ଭଗବଦ୍‌ଗୀତା'ର ଅନ୍ତିମ ଅଧ୍ୟାୟରେ ମଧ୍ୟ କୁହାଯାଇଛି ଯେ, ବିଶୁଦ୍ଧବୁଦ୍ଧିଯୁକ୍ତ ବା ବିବେକଜ୍ଞାନସଂପନ୍ନ ଧୃତିଦ୍ୱାରା ନିଜକୁ (ନିଜର ମନ ଓ ଇନ୍ଦ୍ରିୟସମୂହକୁ) ନିୟନ୍ତ୍ରିତ କରିଥିବା, ବିଷୟଭୋଗବାସନା ଓ ରାଗଦ୍ୱେଷାଦିକୁ ପରିତ୍ୟାଗ କରିଥିବା, ଏକାନ୍ତବାସ ଓ ପରିମିତ ଆହାର କରୁଥିବା, କାୟ-ମନୋବାକ୍ୟରେ ସଂଯମ ଆଚରଣ କରୁଥିବା, ବୈରାଗ୍ୟାଶ୍ରିତ ତଥା ନିରନ୍ତର ଧ୍ୟାନଯୋଗପରାୟଣ ସାଧକ ଅହଂକାର, ବଳ, ଦର୍ପ, କାମ, କ୍ରୋଧ ଓ ପରିଗ୍ରହ ଆଦି ପରିହାର କରି ନିର୍ମମ (ମୁଁ ଓ ମୋର ଭାବଶୂନ୍ୟ) ଓ ଶାନ୍ତ (ଶମଭାବଯୁକ୍ତ) ହୋଇ ବ୍ରହ୍ମପ୍ରାପ୍ତିରେ ସମର୍ଥ ହୋଇଥାଏ–

"ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ ।
ଶବ୍ଦାଦୀନ୍ ବିଷୟାଂସ୍ତକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ ॥

ବିବିକ୍ତସେବୀ ଲଘ୍ୱାଶୀ ଯତବାକ୍‌କାୟମାନସଃ ।
ଧ୍ୟାଯୋଗପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ ॥
ଅହଂକାରଂ ବଳଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।
ବିମୁଚ୍ୟ ନିର୍ମମଃ ଶାନ୍ତୋ ବ୍ରହ୍ମଭୂୟାସ କଳ୍ପତେ ॥"

(ଗୀତା, ୧୮/୫୧-୫୩)

ଅବିଦ୍ୟାର ପ୍ରଭାବ ହେତୁ ମନୁଷ୍ୟର ଭେଦବୁଦ୍ଧି ରହିଥାଏ । ବିବେକର ଉଦୟ ହେଲେ ସଂସାର-ବିଷୟ ପ୍ରତି ବୈରାଗ୍ୟ ଜାତ ହୁଏ । ବୈରାଗ୍ୟର ନିରନ୍ତର ଅଭ୍ୟାସଦ୍ୱାରା ବିଶୁଦ୍ଧ ବୁଦ୍ଧିର ଅଧିକାରୀ ହେଲେ ଅହଂର ବିଲୁପ୍ତି ଘଟେ । ବ୍ରହ୍ମ ସହିତ ଆତ୍ମାର ଅଭେଦତ୍ୱର ଉପଲବ୍ଧି ଆସେ । ଆତ୍ମାକୁ ପରମାତ୍ମା ସହିତ ଯୁକ୍ତ କରିବାର ଉପାୟ ରୂପେ ଗୀତାରେ ଭଗବାନ ବାରମ୍ବାର 'ଯୁଞ୍ଜାନ୍' ଶବ୍ଦର ପ୍ରୟୋଗ କରିଛନ୍ତି, ଯାହାର ଅର୍ଥ ଯୋଗ କରୁଥିବା । ନିରନ୍ତର ଧ୍ୟାନ ଓ ଯୋଗକ୍ରିୟାଦ୍ୱାରା ଆତ୍ମାନୁଭୂତି ବା ବ୍ରହ୍ମାନୁଭୂତି ରୂପକ ପରମସୁଖ ପ୍ରାପ୍ତ ହୋଇଥାଏ ।

ତେବେ ଅତ୍ୟନ୍ତ କ୍ଲେଶସାଧ୍ୟ ସାଧନାଦ୍ୱାରା ଶରୀରକୁ ପୀଡ଼ା ଦେବା ଆଧ୍ୟାତ୍ମିକତାର ବିରୋଧୀ । ଜିହ୍ୱାଲାଳସା ଓ ଲୋଭବଶତଃ ଅତ୍ୟଧିକ ଭୋଜନ କରୁଥିବା ଅଥବା ଆଦୌ ଭୋଜନ କରୁ ନଥିବା, ଅଧିକ ସମୟ ନିଦ୍ରାଭିଭୂତ ଓ ସ୍ୱପ୍ନମଗ୍ନ ହେଉଥିବା ଅଥବା ଆଦୌ ଶୟନ କରୁ ନ ଥିବା, ସବୁବେଳେ କାର୍ଯ୍ୟବ୍ୟସ୍ତ ରହୁଥିବା ଅଥବା ଆଦୌ କାର୍ଯ୍ୟ କରୁ ନ ଥିବା, ଅସ୍ଥିର ଭାବରେ ଏଣେତେଣେ ବୁଲି ଭୋଗ-ବିଳାସରେ ସମୟ ଅତିବାହିତ କରୁଥିବା ଅଥବା ନିଷ୍କ୍ରିୟ ହୋଇ ପଡ଼ି ରହୁଥିବା ବ୍ୟକ୍ତି ଯୋଗ ସାଧନାରେ ସଫଳ ହୋଇ ପାରନ୍ତି ନାହିଁ । ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ ରଖିବା ପାଇଁ ଆବଶ୍ୟକତା ଅନୁଯାୟୀ ପରିମିତ ଆହାର, ବିହାର, ଶୟନ କରୁଥିବା, ସମୁଚିତ କର୍ତ୍ତବ୍ୟ କର୍ମ କରୁଥିବା ଓ ମାନବଜନ୍ମର ଉଦ୍ଦେଶ୍ୟ ସଂପର୍କରେ ଯଥାଯଥ ଅବବୋଧ ରଖି ଲକ୍ଷ୍ୟ ସାଧନରେ ପ୍ରବୃତ୍ତ ହେଉଥିବା ବ୍ୟକ୍ତି ପାଇଁ ଯୋଗ ଦୁଃଖନାଶକ ହୋଇଥାଏ ବୋଲି 'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ କୁହାଯାଇଛି ।

❖❖❖

# ବ୍ରହ୍ମବିଦ୍ୟା ସମିତି ଓ ଦାମୋଦର କେ. ମାଭଲଙ୍କର

**ପୌର୍ଣ୍ଣମାସୀ ପଟ୍ଟନାୟକ**

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ମାନବସଭ୍ୟତା ବସ୍ତୁବାଦ ଉପରେ ପର୍ଯ୍ୟବସିତ ରହି ଭୌତିକ ଭୋଗବିଳାସର ଚରମ ସୀମାରେ ପହଞ୍ଚି ଆଧ୍ୟାତ୍ମିକ ମାର୍ଗରୁ ବିଚ୍ୟୁତ ହୋଇ ଧର୍ମ ନାମରେ ନାନା କୁସଂସ୍କାର, ସାମ୍ପ୍ରଦାୟିକ ମତଭେଦ ଓ ଧର୍ମାନ୍ଧତାଦ୍ୱାରା କବଳିତ ହେଲା । ଏପରି ଅମାନବିକ ଓ ବିପଜ୍ଜନକ ଅବସ୍ଥାରୁ ମୁକ୍ତ କରି ମାନବ ସମାଜକୁ ଉଚିତ ଦିଗ୍‌ଦର୍ଶନ ଦେଇ ସତ୍ୟାନୁସରଣ କରିବା ଲାଗି ଦୁଇଜଣ ସିଦ୍ଧପୁରୁଷଙ୍କ ନିର୍ଦ୍ଦେଶରେ ୧୮୭୫ ମସିହା ନଭେମ୍ବର ମାସ ୧୭ ତାରିଖରେ ନିୟୁର୍କଠାରେ ଋଷୀୟ ମହିୟସୀ ମହିଳା ଏଚ୍.ପି. ବ୍ଲାଭାଟସ୍କି ଓ ଆମେରିକୀୟ ଋଷିପ୍ରତିମ ବ୍ୟକ୍ତି କର୍ଣ୍ଣେଲ ଏଚ୍. ଏସ୍. ଅଲକଟଙ୍କ ନେତୃତ୍ୱରେ ବ୍ରହ୍ମବିଦ୍ୟା ସମିତି ସ୍ଥାପନ କରାଗଲା । ପରବର୍ତ୍ତୀ ସମୟରେ ଏହାର ପ୍ରଧାନ କାର୍ଯ୍ୟାଳୟ ଦେବଭୂମି ଭାରତକୁ ସ୍ଥାନାନ୍ତରିତ କରାଗଲା । ଏହି ବ୍ରହ୍ମବିଦ୍ୟା ସମିତିର ମୂଳଲକ୍ଷ୍ୟ ଥିଲା ଜାତି, ଧର୍ମ, ବର୍ଣ୍ଣ ଓ ନାରୀ ପୁରୁଷ ନିର୍ବିଶେଷରେ ମାନବ ଜାତିର ସାର୍ବଜନୀନ ଭ୍ରାତୃତ୍ୱର ବୀଜ କେନ୍ଦ୍ର ସ୍ଥାପନ କରିବା ସହ ସବୁ ଧର୍ମର ମୂଳତତ୍ତ୍ୱ ଯେ ଏକ, ଏହି ଅନ୍ତର୍ନିହିତ ସତ୍ୟର ଉପଲବ୍ଧ କରିବା ।

୧୮୭୯ ମସିହା ଭାରତର ବମ୍ବେ ସହରରେ ବ୍ରହ୍ମବିଦ୍ୟା ସମିତି ଗଠନର ପ୍ରାରମ୍ଭିକ ଅବସ୍ଥାରେ ଯେଉଁ କେତେଜଣ ଯୋଗଜନ୍ମା ଜାତି, ଧର୍ମ, ଦେଶ, କାଳ ଓ ସାଂପ୍ରଦାୟିକତାଜନିତ ପ୍ରତିକୂଳ ପରିସ୍ଥିତିକୁ ପ୍ରତିହତ କରି ଅନୁଷ୍ଠାନର ସାଂଗଠନିକ କାର୍ଯ୍ୟକୁ ଗତିଶୀଳ କରିବା ସହିତ ବ୍ରହ୍ମବିଦ୍ୟା ସମିତିର ଆଭିମୁଖ୍ୟ ଓ ଆଦର୍ଶର ପ୍ରଚାର ଓ ପ୍ରସାର ପୂର୍ବକ ମାନବ ସମାଜକୁ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାରେ ସହାୟକ ହୋଇଥିଲେ ସେମାନଙ୍କ ମଧ୍ୟରେ ଦାମୋଦର କେ ମାଭଲଙ୍କର ଅନ୍ୟତମ ।

ସେ ହେଉଛନ୍ତି ପ୍ରଥମ ଭାରତୀୟ ଯେ ୧୮୭୯ ମସିହା ଜୁଲାଇ ୧୩ ତାରିଖରେ ସଭ୍ୟପଦ ପାଇଁ ଆବେଦନ କରିଥିଲେ ଓ ଅଗଷ୍ଟ ତିନି ତାରିଖରେ ଦୀକ୍ଷିତ ହୋଇ ବ୍ରହ୍ମବିଦ୍ୟା ସମିତିର ବମ୍ବେସ୍ଥିତ ଅସ୍ଥାୟୀ ପ୍ରଧାନ କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ୧୮୮୦ ମସିହା ଜାନୁୟାରୀ ମାସରୁ ସ୍ଥାୟୀକର୍ମୀ ହୋଇ ରହିଥିଲେ। ଅଲ୍‌କଟ୍‌ଙ୍କର Old Diary Leoves ପୁସ୍ତକରେ ବର୍ଣ୍ଣିତ ଅଛି: ଦାମୋଦର ୧୩.୭.୧୮୭୯ ଦିନ ସଂଧ୍ୟାରେ ଧଳା ରବର ନିର୍ମିତ ବର୍ଷାତି ଓ ଚିପା ପାଇଜାମା ସହ ଏକ ଟୋପି ପରିହିତ ଶୀର୍ଣ୍ଣକାୟ ବ୍ୟକ୍ତି ରୂପରେ ହାତରେ ଏକ ଲଣ୍ଠନ ଧରି ବର୍ଷାରେ ଜୁଡ୍ଡୁବୁଡୁ ହୋଇ କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କ ସହିତ ଭେଟ ହୋଇ ସଭ୍ୟ ପଦଭୁକ୍ତ ହେବା ନିମନ୍ତେ ଅନୁରୋଧ କରିଥିଲେ। ଏଚ.ପି.ବି.ଙ୍କ କହିବାନୁଯାୟୀ ବହୁ ଦୂରଦୂରାନ୍ତ ଆଶ୍ରମରୁ ଜଣେ ମହାତ୍ମା ଆସିଥିବା ପରି ସେ ଦେଖା ଯାଉଥିଲେ ଏବଂ ତାଙ୍କର ଗୋଡ଼ଦ୍ୱୟ ଦୁଇଟି ସରୁ ପେନସିଲ ପରି ଦେଖାଯାଉଥିଲା ।

ଏହି ମହାତ୍ମା ଦାମୋଦର କେ. ମାଭଲଙ୍କର ସେପଟ୍ଟେମ୍ବର ମାସ ୧୮୭୫ ମସିହାରେ ଗୁଜୁରାଟ ପ୍ରଦେଶର ଅହମଦାବାଦରେ ଏକ ନୈଷ୍ଠିକ ଧନୀ କରିହିଦ ମହାରାଷ୍ଟ୍ର ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ କେଶବ ମାଭଲଙ୍କର। ବଡ଼ଭାଇଙ୍କ ନାମ ବାମନ ଓ ସାନଭାଇ ବାସୁଦେବ ମାଭଲଙ୍କଙ୍କର ଯେ କି ସ୍ୱାଧୀନ ଭାରତର ପ୍ରଥମ ବାଚସ୍ପତି । ଦାମୋଦରଙ୍କ ବାଲ୍ୟଶିକ୍ଷା ନିଜ ଧର୍ମର ବିଧି ଅନୁସାରେ ଶେଷ ହୋଇଥିଲା। କିନ୍ତୁ ପରେ ସେ ଇଂରାଜୀରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ସେ ଦଶରୁ ଚଉଦ ବର୍ଷ ମଧ୍ୟରେ ବିଭିନ୍ନ କର୍ମକାଣ୍ଡ ପ୍ରତି ପ୍ରଗାଢ଼ ଧ୍ୟାନ ଦେଇଥିଲେ । ତାଙ୍କର ବିଚକ୍ଷଣ ବୁଦ୍ଧି ଯୋଗୁଁ ଏହି ଆୟତ୍ତ ହେବା ସହ ପରେ ତାଙ୍କର ନୈଷ୍ଠିକ ସନାତନ ଧର୍ମ ଓ ଚିନ୍ତାଧାରାରେ ପରିବର୍ତ୍ତନ ଆସିଥିଲା।

ବାଲ୍ୟକାଳରେ ଦାମୋଦର ଅତୀବ ରୁଗ୍‌ଣ ଶରୀର ଥିଲେ ଓ ସାଂଘାତିକ ଭାବେ ଅସୁସ୍ଥ ରହୁଥିଲେ। ଏପରିକି ତାଙ୍କର ପରିବାରବର୍ଗ ତାଙ୍କର ବଞ୍ଚିବାର ଆଶା ଛାଡ଼ି ଦେଇଥିଲେ। ଏକଦା ବାଳକ ଦାମୋଦର ସ୍ୱପ୍ନରେ ଜଣେ ଦିବ୍ୟ ପୁରୁଷଙ୍କର ଦର୍ଶନ ଲାଭ କରିଥିଲେ ଯାହାଙ୍କର ଗଭୀର ଛାପ ତାଙ୍କ ମନ ଉପରେ ପଡ଼ିଥିଲା। ସେହି ମହାପୁରୁଷ ଦାମୋଦରଙ୍କୁ ଏକ ବିଶେଷ ଧରଣର ଔଷଧ ଦେଇଥିଲେ ।

ଆଶ୍ଚର୍ଯ୍ୟଜନକ ଭାବେ ଦାମୋଦର ସେହିଦିନଠାରୁ କ୍ରମେ କ୍ରମେ ସୁସ୍ଥ ଅନୁଭବ କରିବାକୁ ଲାଗିଲେ। କିଛି ବର୍ଷ ପରେ ଦାମୋଦର ଧ୍ୟାନସ୍ଥ ହେବା ସମୟରେ ପୁନର୍ବାର ସେହି ଦିବ୍ୟ ମହାପୁରୁଷଙ୍କୁ ଦେଖିବାର ସୁଯୋଗ ପାଇଥିଲେ ଯେ କି ତାଙ୍କର ଜୀବନର ରକ୍ଷାକାରୀ ଥିଲେ।

ଦ୍ୱିତୀୟ ଥର ପାଇଁ ଯେତେବେଳେ ଦାମୋଦର ଅସୁସ୍ଥ ହୋଇପଡ଼ିଥିଲେ ସେହି ଦିବ୍ୟପୁରୁଷ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ତାଙ୍କର ଜୀବନରକ୍ଷା କରିଥିଲେ। ଏହି ସମୟରେ ସେ ଏଚ୍.ପି.ବି.ଙ୍କ ଲିଖିତ Isis Unveiled ପୁସ୍ତକ ପାଠ କରିବାର ସୁଯୋଗ ପାଇଥିଲେ ଏବଂ ଏହି ପୁସ୍ତକ ପଠନଦ୍ୱାରା ତାଙ୍କର ଜୀବନର ଗତିପଥ ବଦଳିଗଲା । ସେ ପୁସ୍ତକର ଲେଖିକା ମାଡାମ ବ୍ଲାଭାଟ୍‌ସ୍କିଙ୍କୁ ସମ୍ମାନ ଜଣାଇବା ନିମନ୍ତେ ବ୍ରହ୍ମବିଦ୍ୟା ସମିତିର ବମ୍ବେ ସ୍ଥିତ ପ୍ରଧାନ କାର୍ଯ୍ୟାଳୟକୁ ଯାଇଥିଲେ। ଏହା ଏକ ନାଟକୀୟ ଘଟଣା ଥିଲା।

ଯେତେବେଳେ ଦାମୋଦର ଉକ୍ତ କାର୍ଯ୍ୟାଳୟରେ ପ୍ରବେଶ କଲେ ସେଠାରେ ସେ ଏକ ଫଟୋ ଦେଖିବାକୁ ପାଇଲେ ଯାହାକୁ କି ସେ ପୂର୍ବରୁ ତିନି ଥର ସ୍ୱପ୍ନ ତଥା ଧ୍ୟାନସ୍ଥ ଥିବା ସମୟରେ ଦେଖିବାର ସୁଯୋଗ ପାଇଥିଲେ ଓ ତାଙ୍କ ଦ୍ୱାରା ଆରୋଗ୍ୟ ଲାଭ କରିଥିଲେ। ସେ ଜାଣିବାକୁ ପାଇଲେ ଯେ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କୁ "Direct Agent" କରିବା ପଛରେ ଥିବା ଦୁଇଜଣ ସିଦ୍ଧ ପୁରୁଷଙ୍କ ମଧ୍ୟରୁ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇଥିବା ଦିବ୍ୟପୁରୁଷ ଅନ୍ୟତମ ଏବଂ ସେ ହେଉଛନ୍ତି ମହାତ୍ମା କୁତ୍‌ହୁମି। ସେହି ମୁହୂର୍ତ୍ତରେ ସେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବା ସହ ବ୍ରହ୍ମବିଦ୍ୟା ସମିତି ଓ ମ୍ୟାଡାମ୍ ବ୍ଲାଭାଟ୍‌ସ୍କିଙ୍କ ପ୍ରତି ଉତ୍ସର୍ଗୀକୃତ ହୋଇ ପଡ଼ିଥିଲେ।

ବ୍ରହ୍ମବିଦ୍ୟା ସମିତିରେ ଯୋଗ ଦେବା ସମୟରେ ତାଙ୍କୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା। କାରଣ ସେତେବେଳର ସମାଜରେ ଜାତିପ୍ରଥାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ଦାମୋଦର ଜଣେ ନୈଷ୍ଠିକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରର ସଦସ୍ୟ ଥିବାରୁ ବ୍ରହ୍ମବିଦ୍ୟା ସମିତିରେ ରହି କାର୍ଯ୍ୟ କରିବାକୁ ଏବଂ ସନ୍ନ୍ୟାସୀ ଜୀବନଯାପନ ପାଇଁ ତାଙ୍କୁ ତାଙ୍କ ପିତାଙ୍କର ଅନୁମତି ଆଣିବାକୁ ପଡ଼ିଥିଲା। କାରଣ ଦାମୋଦର ବାଲ୍ୟବିବାହ କରିଥିଲେ । ତାଙ୍କ ପତ୍ନୀଙ୍କ ନାମ ଲକ୍ଷ୍ମୀବାଈ। ସେ ତାଙ୍କ ପତ୍ନୀଙ୍କ ଭରଣପୋଷଣ ପାଇଁ ତାଙ୍କ ଭାଗରେ ପଡୁଥିବା ପୈତୃକ ସମ୍ପତ୍ତିରୁ ଟ.

୫୦,୦୦୦/-ଙ୍କା ପିତାଙ୍କୁ ଦେଇ ଗାର୍ହ୍ୟସ୍ଥ୍ୟ ଜୀବନରୁ ମୁକ୍ତ ହୋଇଥିଲେ। ତାଙ୍କର ପତ୍ନୀ ପ୍ରଥମରୁ ଦୁଃଖିତ ଥିଲେ ମଧ୍ୟ ପରେ ସମ୍ମତି ପ୍ରଦାନ କରିଥିଲେ।

ଏହି ଘଟଣା ପରେ ତାଙ୍କୁ ଆହୁରି ଅଧିକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା ଯାହାକି ସେ ତାଙ୍କ ଲିଖିତ ପୁସ୍ତକ "Caste in India'ରେ ଲିପିବଦ୍ଧ କରିଛନ୍ତି ।

୧୮୮୦ ମସିହାରେ ଦାମୋଦର ମାଡାମ ବ୍ଲାଭାଟ୍‌ସ୍କି ଓ କର୍ଣ୍ଣେଲ ଅଲକଟଙ୍କ ସହ ବ୍ରହ୍ମବିଦ୍ୟାର ପ୍ରସାର ନିମନ୍ତେ ସିଲୋନ ଗସ୍ତରେ ଯାଇଥିଲେ। ସେହି ସମୟରେ ସେ ତିନି ଜଣଯାକ ବୌଦ୍ଧଧର୍ମର 'ପଞ୍ଚଶୀଳ' ନୀତି ଗ୍ରହଣ କରିଥିଲେ। ଫଳରେ ଦାମୋଦରଙ୍କୁ ତାଙ୍କ ସ୍ୱଧର୍ମ ତଥା ଜାତିରୁ ବହିଷ୍କୃତ ହେବାକୁ ପଡ଼ିଥିଲା। ପୁନଶ୍ଚ ଏହି ସମୟରେ Cyloneରେ Anglo-Indian ସମ୍ପ୍ରଦାୟ ଶାସନ କରୁଥିବାରୁ ବୌଦ୍ଧଧର୍ମାବଲମ୍ବୀମାନେ ପ୍ରବଳ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେଣୁ ଦାମୋଦର ପ୍ରଚାର କରୁଥିଲେ ଯେ ଯେଉଁ ଧର୍ମରେ ଅଛି ସେହି ଧର୍ମର ମହତ୍ତ୍ୱ ବୁଝି ପ୍ରକୃତ ଧର୍ମାବଲମ୍ବୀ ହେଉ। ସେ କହୁଥିଲେ, "ବ୍ରହ୍ମବିଦ୍ୟା ଏକ ଧର୍ମ ନୁହେଁ। ଏହା ସବୁଧର୍ମର ମୂଳତତ୍ତ୍ୱ" । ବ୍ରହ୍ମବିଦ୍ୟା ଜଣେ ଖ୍ରୀଷ୍ଟିୟାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରକୃତ ଅନୁଗାମୀ, ବୌଦ୍ଧଧର୍ମାବଲମ୍ବୀଙ୍କୁ ଗୌତମ ବୁଦ୍ଧଙ୍କ ପ୍ରକୃତ ଶିଷ୍ୟ ଏବଂ ହିନ୍ଦୁମାନଙ୍କୁ ବେଦର ପ୍ରକୃତ ବିଦ୍ୟାର୍ଥୀ ରୂପେ ପ୍ରତିପାଦନ କରିବ।

Cyloneରୁ ଫେରିବା ପରେ ଦାମୋଦରଙ୍କ ପରିବାରବର୍ଗ ଦାମୋଦରଙ୍କୁ ନିଜ ଜାତିକୁ ଫେରି ଆସିବା ପାଇଁ ଦାବୀ କଲେ। କିନ୍ତୁ ଦାମୋଦର ଏହି ଦାବୀକୁ ପ୍ରତ୍ୟାଖ୍ୟାନ କଲେ। ଏହି ସମୟରେ ତାଙ୍କ ପିତା, ଦାଦା ତଥା ବଡ଼ ଭାଇ ବ୍ରହ୍ମବିଦ୍ୟା ସମିତିର ସଭ୍ୟପଦରୁ ଇସ୍ତଫା ଦେଇ ବ୍ରହ୍ମବିଦ୍ୟା ସମିତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ। ଏହାର କିଛିଦିନ ପରେ ଦାମୋଦରଙ୍କ ପିତାଙ୍କର ଦେହାନ୍ତ ହେଲା ଏବଂ ଶେଷ ପର୍ଯ୍ୟନ୍ତ ତାଙ୍କ ପିତାଙ୍କର ବ୍ରହ୍ମବିଦ୍ୟା ସମିତିର ସଭ୍ୟ ଏବଂ କର୍ମକର୍ତ୍ତାଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିନଥିଲା। ୧୮୮୧ ମସିହାରେ ମାଡାମ୍ ବ୍ଲାଭାସ୍କିଙ୍କ ଗୁରୁ ମହାତ୍ମା ମୌର୍ଯ୍ୟ ଏ.ପି. ସିନେଟ୍‌ଙ୍କ ପାଖକୁ ଏକ ପତ୍ର ମାଧ୍ୟମରେ ଦାମୋଦରଙ୍କ ଧର୍ମତ୍ୟାଗର ଦୃଢ଼ ନିଷ୍ପତ୍ତି ଉପରେ ଲେଖି ଜଣାଇଥିଲେ। ଉକ୍ତ ପତ୍ରରୁ ଜଣାଯାଏ ଯେ, ପ୍ରୟାଗ ବ୍ରହ୍ମବିଦ୍ୟା ଲଜ୍‌ର ସଭ୍ୟଗଣ ମହାତ୍ମାମାନେ କାହିଁକି ତାଙ୍କ ସହ

ସିଧାସଳଖ ପତ୍ର ବିନିମୟ କରୁନାହାଁନ୍ତି  ଏବଂ ମହାତ୍ମାମାନେ କାହିଁକି ଏ.ପି.ସିନେଟ୍, ଏ.ଓ. ହିଉମ୍ ଏବଂ ଦାମୋଦରଙ୍କୁ ଅତ୍ୟଧିକ ଅନୁଗ୍ରହ ପ୍ରକାଶ କରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ । ଏହାର ଉତ୍ତରରେ ମହାତ୍ମା ମୌର୍ଯ୍ୟ ଜଣାଇଥିଲେ ଯେ ଶତାବ୍ଦୀ ଶତାବ୍ଦୀ ଧରି ସେମାନେ (ମହାତ୍ମାମାନେ) ତାଙ୍କ ଶ୍ୱେତଭ୍ରାତୃମଣ୍ଡଳୀବାହାରେ କୌଣସି ବ୍ୟକ୍ତିଙ୍କ ସହିତ ସମ୍ପର୍କ ରକ୍ଷା କରି ନଥିଲେ। ସେମାନେ ବର୍ତ୍ତମାନ ବିଶ୍ୱମାନବସମାଜକୁ କିଛି ଜ୍ଞାନ ଦେବା ନିମନ୍ତେ ସ୍ୱତନ୍ତ୍ର ଚେଷ୍ଟା କରୁଛନ୍ତି । ସିନେଟ୍ ଓ ହ୍ୟୁମ୍ ବ୍ରହ୍ମବିଦ୍ୟା ସମିତି ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ବୋଲି ଅନୁଭବ କରୁଛନ୍ତି ଏବଂ ସେମାନେ ସମସ୍ତଙ୍କ ମଧ୍ୟରେ 'ସ୍ୱତନ୍ତ୍ର' ଅଟନ୍ତି। ଏହା ବ୍ୟତୀତ ଦାମୋଦର ଜଣେ ପ୍ରକୃତ ବ୍ରହ୍ମବାଦୀ ଯେ କି ତାଙ୍କର ପୁରାତନ ଅନ୍ଧବିଶ୍ୱାସ ତଥା କୁସଂସ୍କାରକୁ ତ୍ୟାଗ କରି ଜଣେ ପ୍ରକୃତ ସଂସ୍କାରକ ହୋଇ ପାରିଛନ୍ତି । ଦାମୋଦର ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟ ନିମନ୍ତେ ନିଜ ସ୍ୱାସ୍ଥ୍ୟ ପ୍ରତି ଭ୍ରୂକ୍ଷେପ ନକରି ଅଧିକାଂଶ ସମୟ କାର୍ଯ୍ୟରତ ରହୁଥିଲେ। ଏହାଦ୍ୱାରା ତାଙ୍କର ଆଧ୍ୟାତ୍ମିକ ଶକ୍ତିର ଉନ୍ମୀଳନ ଦ୍ରୁତଗତିରେ ହେଉଥିଲା। ଅର୍ଥାତ୍ ଅତୀନ୍ଦ୍ରିୟ ଶକ୍ତିର ସେ ଅଧିକାରୀ ହୋଇଥିଲେ। ସେ ରୁଗ୍ଣମାନଙ୍କୁ ଆରୋଗ୍ୟ କରିବାର ଅଲୌକିକ ଶକ୍ତି ଲାଭ କରିଥିଲେ । ଦାମୋଦର ତାଙ୍କ ଗୁରୁ ମହାତ୍ମା କୁତ୍‌ହୁମୀଙ୍କ ଆଶ୍ରମକୁ ନିଦ୍ରାବସ୍ଥାରେ Astral Bodyରେ ଯାତ୍ରା କରି ପତ୍ରବିନିମୟ କାର୍ଯ୍ୟରେ ନିଯୁକ୍ତ ରହୁଥିଲେ। ସେ ଗୁରୁଦେବଙ୍କ ନିଭୃତ ବିଶ୍ରାମସ୍ଥଳରୁ ପତ୍ର ଆଣି ପ୍ରଧାନ କାର୍ଯ୍ୟାଳୟ ଏବଂ ଅନ୍ୟସ୍ଥାନ ମାନଙ୍କରେ ପହଞ୍ଚାଇ ଦେଉଥିଲେ। ଏ ବିଷୟରେ କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କର ପୁସ୍ତକ "Old Diary Leaves" ରେ ବର୍ଣ୍ଣିତ ହୋଇଛି। କର୍ଣ୍ଣେଲ୍ ଅଲ୍‌କଟ୍‌ଙ୍କ କହିବାନୁଯାୟୀ ଦାମୋଦର ଆଧ୍ୟାତ୍ମିକ ରସାୟନ ବିଦ୍ୟା ଏବଂ ପଦାର୍ଥ ବିଜ୍ଞାନ ସାହାଯ୍ୟରେ ହିମାଳୟରେ ଥିବା ଗୁରୁଙ୍କର ଆଶ୍ରମସହିତ ପତ୍ର ବିନିମୟ କରିପାରୁଥିଲେ।

୧୮୮୩ ମସିହାରେ ଆଉ ଏକ ଅଲୌକିକ ଘଟଣା ଘଟିଥିଲା। ଦାମୋଦର ଲାହୋରଠାରେ ତାଙ୍କ ଗୁରୁଦେବଙ୍କୁ ସ୍ଥୁଳ ଶରୀରରେ ଭେଟ କରିସାରି ନଭେମ୍ବର ୧୮୮୩ ମସିହାରେ ଅଲ୍‌କଟ୍‌ଙ୍କ ସହ ଜାମୁ କାଶ୍ମୀରର ମହାରାଜାଙ୍କ ଅତିଥି ରୂପେ କିଛିଦିନ କଟାଉଥିଲେ। ଏହି ସମୟରେ: ଅଲକଟ୍‌ଙ୍କ ଅଗୋଚରରେ ଦାମୋଦର ହଠାତ ଉଭାନ ହୋଇଯାଇଥିଲେ। ଏହା ମାଡାମ୍ ବ୍ଲାଭାଟ୍‌ସ୍କିଙ୍କୁ ଅଛପା ନଥିଲା। ସେ ଆଡ୍ୟାରରୁ ଅଲ୍‌କଟ୍‌ଙ୍କ ପାଖକୁ ଟେଲିଗ୍ରାମ୍ କରି ଜଣାଇଲେ ଦାମୋଦର ତାଙ୍କ

ଗୁରୁଦେବଙ୍କୁ ଭେଟିବା ପାଇଁ ଗୁରୁଦେବଙ୍କ ନିଭୃତ ବାସସ୍ଥାନକୁ ଯାଇଛନ୍ତି ଏବଂ କିଛିଦିନ ପରେ ଫେରିଆସିବେ। ବ୍ଲାଭାଟସ୍କିଙ୍କ ଟେଲିଗ୍ରାମ ଅନୁଯାୟୀ ଦାମୋଦର ତିନିଦିନ ମଧ୍ୟରେ ଅଲକଟଙ୍କ ପାଖକୁ ଫେରିଆସିଲେ ଏକ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ବ୍ୟକ୍ତି ରୂପେ। ଅଲକଟ୍ ତାଙ୍କ ପୁସ୍ତକ Old Diary Leaves III ରେ ଲେଖୁଛନ୍ତି ଦାମୋଦର ଅତି ସୁସ୍ଥ ସବଳ, ତେଜିୟାନ, ସାହସୀ ତଥା ପରାକ୍ରମୀ ବ୍ୟକ୍ତି ରୂପେ ଆବିର୍ଭାବ ହେଲେ। ଏହାପରେ ସେମାନେ ଆଡ୍ୟାରକୁ ଫେରିଆସି ତାଙ୍କର କାର୍ଯ୍ୟରେ ଯୋଗଦେଲେ। ଦାମୋଦର ଆଡ୍ୟାରରେ ରେକର୍ଡିଂ ସେକ୍ରେଟେରୀ ଏବଂ "The Theosophist" ମାଗାଜିନ ଛାପା ଦାୟିତ୍ୱରେ ଥିଲେ। ମାଡାମ୍ ବ୍ଲାଭାଟ୍ସ୍କି ଓ କର୍ଣ୍ଣେଲ୍ ଅଲ୍‌କଟ୍ ବ୍ରହ୍ମବିଦ୍ୟା ସମିତିର କାର୍ଯ୍ୟ ପାଇଁ ଆଡ୍ୟାରରେ ବାରମ୍ବାର ଅନୁପସ୍ଥିତ ରହୁଥିବାରୁ ଦାମୋଦରଙ୍କ କାର୍ଯ୍ୟ ପ୍ରଧାନ କାର୍ଯ୍ୟାଳୟରେ କ୍ରମେ ବୃଦ୍ଧି ପାଇବାକୁ ଲାଗିଲା। ଏହାଦ୍ୱାରା ସେ ପ୍ରଧାନ କାର୍ଯ୍ୟାଳୟର ବହୁ କର୍ମଚାରୀଙ୍କର ଈର୍ଷାର ପାତ୍ର ହେଲେ। ଏଥି ନିମନ୍ତେ ତାଙ୍କୁ ବହୁ କଷ୍ଟ ତଥା ଭୁଲ ବୁଝାମଣାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେ ଅଯଥାରେ କଲମ୍ବୋ (ଦମ୍ପତି ଯେ କି ଆଡ୍ୟାର୍‌ରେ ହାଉସ୍ କିପର୍ ରୂପେ କାର୍ଯ୍ୟ କରୁଥିଲେ), ଡଃ ଫ୍ରାଞ୍ଜ୍ ହାର୍ଟମାନ୍ ଓ ରିଗର୍ଡ୍ ହଡ୍‌ସନ୍ ଇତ୍ୟାଦିଙ୍କ ସହ ବିବାଦର ସମ୍ମୁଖୀନ ହେଲେ।

ଏହିସବୁ ଘଟଣା ଦାମୋଦରଙ୍କର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା । ସେ ଯକ୍ଷ୍ମା ରୋଗର ଶିକାର ହେଲେ। ସେ ତାଙ୍କ ଗୁରୁଦେବଙ୍କ ଅନୁମତି ନେଇ ପୁନର୍ବାର ହିମାଳୟ ଯିବାକୁ ପ୍ରସ୍ତୁତ ହେଲେ। ସାଧାରଣତଃ ଜଣେ ଚେଲାଙ୍କୁ ୭ ବର୍ଷ ଶିକ୍ଷାନବିସ୍ ଭାବେ ରହିବାକୁ ପଡ଼େ । କିନ୍ତୁ ଦାମୋଦରଙ୍କ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସେ ତା ୨୩.୨.୧୮୮୫ ମସିହାରେ ଆଡ୍ୟାରରୁ କଲିକତା ଓ ବନାରସ ଦେଇ ତିବ୍ବତ୍ ଅଭିମୁଖେ ଯାତ୍ରା କଲେ। ସେ ବନାରସରେ ଚଉଦ ଦିନ ଅବସ୍ଥାନ କରିଥିଲେ ଓ ତିବ୍ବତ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଭଗବାନ ଦାସଙ୍କ ସଙ୍ଗେ ସାକ୍ଷାତ କରିଥିଲେ । ଭଗବାନ ଦାସଙ୍କୁ ସେତେବେଳେ ୧୭ ବର୍ଷ ହୋଇଥିଲା। ଭଗବାନ ଦାସଙ୍କ କହିବା ଅନୁଯାୟୀ–ଦାମୋଦର ତାଙ୍କ ଗୁରୁଦେବଙ୍କ ପ୍ରଦତ୍ତ ଖୁବ୍ ନରମ ଲମ୍ବା କଳା କୋଟ୍ ଓ ଧୂସର ଟୋପି ପରିଧାନ କରିଥିଲେ। ତାଙ୍କର ଶୀର୍ଣ୍ଣ ତଥା ଉଚ୍ଚା ଚେହେରାଯୁକ୍ତ ତେଜୀୟାନ ଯୁବସୁଲଭ ମୁଖମଣ୍ଡଳରୁ ଉଚ୍ଚାଭିଳାଷର ଆଭାସ ମିଳୁଥିଲା।

ମାଡାମ୍ ବ୍ଲାଭାଟ୍‌ସ୍କି "ଦି ଥିଓସୋଫିଷ୍ଟ୍" ପତ୍ରିକାରେ ଅଗଷ୍ଟ ୧୯୩୨ରେ ଲେଖିଛନ୍ତି- "ଦାମୋଦର ତାଙ୍କ ଗତ ଜନ୍ମରୁ ଉଚ୍ଚତମ ପଥରେ ଯିବା ନିମନ୍ତେ ପ୍ରସ୍ତୁତ ହୋଇ ଆସିଛନ୍ତି । ସେ ବହୁଦିନ ଧରି ଗୁରୁଦେବଙ୍କ ଅନୁମତି ପ୍ରାପ୍ତି ନିମନ୍ତେ ଅପେକ୍ଷା କରି ରହି ଆସୁଥିଲେ । ସେ ସାତ ବର୍ଷର ଶିକ୍ଷାନବିସ ସମୟ ପୂରଣ ହେବା ପୂର୍ବରୁ ତିବ୍ବତ୍ ଯିବା ପାଇଁ ଅପେକ୍ଷା କରିଥିଲେ ।"

ଦାମୋଦର ତିବ୍ବତ୍ ଯିବାର ଚାରିବର୍ଷ ପରେ ମାଡାମ୍ ବ୍ଲାଭାଟସ୍କି ତାଙ୍କର ଜଣେ ପୁରାତନ ବନ୍ଧୁ ଖାନ ବାହାଦୂର ଏନ୍.ଡି. ଖଣ୍ଡାଲାୱେଲାଙ୍କୁ ଲେଖୁଥିଲେ ଦାମୋଦର ଦେହତ୍ୟାଗ କରିନାହାନ୍ତି ଯାହାକି ମୁଁ ଓ ଅଲକଟ ଜାଣିଅଛୁ । ମୁଁ ତିନିମାସ ତଳେ ତାଙ୍କଠାରୁ ଗୋଟିଏ ଚିଠି ପାଇଛି ।" ତା ୪.୬.୧୮୮୬ରେ ବ୍ଲାଭାଟସ୍କି ସୂକ୍ଷ୍ମ ଦୃଷ୍ଟିରେ ଦାମୋଦରଙ୍କୁ ଦେଖୁଥିଲେ ବୋଲି ଏ. ପି. ସିନେଟ୍‌ଙ୍କୁ ଲେଖିଥିଲେ ।

ତା ୯.୨.୧୮୮୫ ମସିହାରେ କର୍ଣ୍ଣେଲ୍ ଅଲ୍‌କଟ୍ ଏକ ପତ୍ର ମିସ୍ ଫ୍ରାନ୍‌ସିସ୍କା ଅରୁଣ୍ଡେଲ୍‌ଙ୍କ ପାଖକୁ ଲେଖିଥିଲେ ଯେଉଁଥିରୁ କି ଏହା ଅନୁମାନ କରାଯାଇ ପାରିବ ଯେ ଦାମୋଦରଙ୍କ ସ୍ଥିତି ଓ କାର୍ଯ୍ୟ ବ୍ରହ୍ମବିଦ୍ୟା ସମିତି ପାଇଁ କେତେ ଅପରିହାର୍ଯ୍ୟ ଥିଲା । ପତ୍ରର କିଛି ଅଂଶ ଏହିପରି .: 'ଏଚ୍.ପି.ବି. ଯେ କି ବହୁତ ଅସୁସ୍ଥ ଅଛନ୍ତି; ସେ ଦାମୋଦର ଫେରି ନ ଆସିବା ପର୍ଯ୍ୟନ୍ତ ଦେହତ୍ୟାଗ ନ କରନ୍ତୁ । ମହାତ୍ମା ଓ ବ୍ରହ୍ମବିଦ୍ୟା ସମିତି ମଧ୍ୟରେ ସମ୍ପର୍କ ସ୍ଥାପନ ନିମନ୍ତେ ଦାମୋଦର ବ୍ଲାଭାଟ୍‌ସ୍କିଙ୍କ ସ୍ଥାନ ଗ୍ରହଣ କରିବେ । ବର୍ତ୍ତମାନ ପାଇଁ ଅଲକଟ୍ ଉକ୍ତ ଶୂନ୍ୟସ୍ଥାନ ଗ୍ରହଣ କରନ୍ତୁ ।"

ଅଲ୍‌କଟ୍‌ଙ୍କ ଲିଖିତ ଉପରୋକ୍ତ ପତ୍ରରୁ ସ୍ପଷ୍ଟ ଯେ ବ୍ରହ୍ମବିଦ୍ୟା ସମିତିର ପ୍ରାରମ୍ଭିକ ସମୟରେ ଦାମୋଦରଙ୍କ ଭଳି ଜଣେ ନିଷ୍ଠାପର, କର୍ମଠ, ନିଃସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ବ୍ୟକ୍ତିଙ୍କର ମାନବ ଜାତିର କଲ୍ୟାଣ ନିମନ୍ତେ ବ୍ରହ୍ମବିଦ୍ୟା ପ୍ରଚାର ତଥା ପ୍ରସାର କ୍ଷତ୍ରରେ ଅତୀବ ଆବଶ୍ୟକତା ଥିଲା ।

ଶେଷଥର ପାଇଁ ୧୯୦୯ ମସିହାରେ ଦାମୋଦରଙ୍କର ପ୍ରତ୍ୟାବର୍ତ୍ତନ ବ୍ରହ୍ମବିଦ୍ୟା ସମିତିର କର୍ମକର୍ତ୍ତାମାନେ ଆଶା କରୁଥିଲେ ଏବଂ ସେଥିନିମନ୍ତେ ତାଙ୍କର ବହୁ ଲେଖା "The Theosophist"ରେ ପୁନଃପ୍ରକାଶିତ ହୋଇଥିଲା । ବ୍ରହ୍ମବିଦ୍ୟା ପ୍ରସାରରେ ଦାମୋଦରଙ୍କ ଅବଦାନ ଅତୁଳନୀୟ ଏବଂ ଅବିସ୍ମରଣୀୟ ।

❖❖❖

# ବ୍ରହ୍ମବିତ୍ ହେବାପାଇଁ ଧ୍ୟାନର ଆବଶ୍ୟକତା

**ମିତାଲିନୀ ଚୌଧୁରୀ**

ପ୍ରଥମେ ବ୍ରହ୍ମବିତ୍ କିଏ ବୁଝିବା – ଯିଏ ବ୍ରହ୍ମଙ୍କୁ ଜାଣିଛନ୍ତି ସେ ହିଁ ବ୍ରହ୍ମବିତ୍। ଯିଏ ବ୍ରହ୍ମଙ୍କୁ ଜାଣିପାରିଛନ୍ତି ସେ ତଦନୁସାରେ କାର୍ଯ୍ୟ ମଧ୍ୟ କରନ୍ତି, ସେ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବା ସହିତ ସବୁ ପରିସ୍ଥିତିରେ ସମଭାବାପନ୍ନ ରୁହନ୍ତି। ତାଙ୍କର ପ୍ରଧାନ ଲକ୍ଷ୍ୟ ସମଗ୍ର ମାନବତାର ସେବା । ମହାତ୍ମା କହିଛନ୍ତି– "The true Theosophist is a philanthropist not for himself but for the world he lives." କିନ୍ତୁ ଜଣେ ବ୍ରହ୍ମବିତ୍ ହେବା ଏତେ ସହଜ ନୁହେଁ। କେହି ବି ବ୍ୟକ୍ତି ବ୍ରହ୍ମବିଦ୍ୟା ସମିତିର ତିନୋଟି ଲକ୍ଷ୍ୟକୁ ମାନିନେଲେ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହୋଇପାରିବେ; କିନ୍ତୁ ତାଙ୍କୁ ବ୍ରହ୍ମବିତ୍ ହେବାକୁ ହେଲେ ଅବିରତ ସାଧନା ଓ ଧ୍ୟାନ କରିବାକୁ ହେବ ।

**ଧ୍ୟାନ :** ସାଧାରଣତଃ ଯୋଗ ଓ ଧ୍ୟାନ ବିଷୟରେ ଆମ୍ଭମାନଙ୍କର ଭିନ୍ନ ଭିନ୍ନ ଧାରଣା ରହିଛି । ଯୋଗ ଓ ଧ୍ୟାନ ଶିକ୍ଷା ଦେବାପାଇଁ ବିଭିନ୍ନ ଶିକ୍ଷାକେନ୍ଦ୍ର, ଆଶ୍ରମ ଓ ଅନେକ ଗୁରୁ ମଧ୍ୟ ଅଛନ୍ତି । ସମସ୍ତେ ନିଜ ନିଜର ପନ୍ଥା ଅନୁସାରେ କିଛି ଶିକ୍ଷା ବା ପ୍ରାଥମିକ ଅଭ୍ୟାସ ପାଇଁ କିଛି ବାଟ ବତାଇଦେବେ; କିନ୍ତୁ ନିଜକୁ ନିଜେ ସେଥିପାଇଁ ପ୍ରସ୍ତୁତ କରିବାକୁ ହେବ। ପ୍ରକୃତ ଧ୍ୟାନ ହେଉଛି ଚେତନାର ଏକ ଅବସ୍ଥା ଯେଉଁଠାରେ ପାର୍ଥକ୍ୟ ଭାବ ଆଦୌ ନ ଥାଏ । ସମସ୍ତ କାମନା ଏବଂ ବିଚାର ସଂପୂର୍ଣ୍ଣ ରୂପେ ନୀରବ ହୋଇଯାଏ । ତାହା ସଂପୂର୍ଣ୍ଣଭାବେ ସଚେତନତାର ସହିତ ନୀରବତା, ସେହି ସ୍ଥିତିକୁ ପ୍ରକୃତ ଧ୍ୟାନ କୁହାଯାଏ । ସେହିଭଳି ଯୋଗର ପ୍ରକୃତ ଅର୍ଥ ହେଉଛି ବ୍ୟକ୍ତିର ଆତ୍ମା ଓ ଚେତନା ବିଶ୍ୱଆତ୍ମା ଓ ବିଶ୍ୱଚେତନା ସହିତ ଯୁକ୍ତ ହେବା । ଧ୍ୟାନ

ଅବସ୍ଥାରେ ପହଞ୍ଚିବାକୁ ହେଲେ ପ୍ରତ୍ୟେକ ସାଧକଙ୍କ ପାଇଁ କିଛି ପ୍ରାଥମିକ ପ୍ରସ୍ତୁତି ଆବଶ୍ୟକ । ଶରୀରର ଶୁଦ୍ଧୀକରଣ, ମନର ନିୟନ୍ତ୍ରଣ, ନିଃସ୍ୱାର୍ଥପର ସେବା, ଏସବୁ କରିବା ପାଇଁ ଜ୍ଞାନ ହିଁ ମୂଳମନ୍ତ୍ର । ସେଥିପାଇଁ ଅଧ୍ୟୟନ ଆବଶ୍ୟକ । Study, Meditation and Service ଏ ତିନୋଟି ଭିତରେ ଯଦି ସାମଞ୍ଜସ୍ୟ ରହିବ ତାହାହେଲେ ଆମର ଉଦ୍ଦେଶ୍ୟ ଫଳପ୍ରସୂ ହେବ ।

**ସମୟ :** କେଉଁ ସମୟରେ ଧ୍ୟାନ କରିବା ସେ ବିଷୟରେ ଜାଣିବା ଆବଶ୍ୟକ । ଆମ୍ଭେମାନେ ତ୍ରିସନ୍ଧ୍ୟା ବିଷୟରେ ଅବଗତ । ବ୍ରାହ୍ମମୁହୂର୍ତ୍ତ, ମଧ୍ୟାହ୍ନ, ସନ୍ଧ୍ୟା, ବ୍ରାହ୍ମମୁହୂର୍ତ୍ତ ସୂର୍ଯ୍ୟ ଉଇଁବାର ପୂର୍ବାବସ୍ଥା (ଭୋର୍ ୩ରୁ ୭ଟା) । ମଧ୍ୟାହ୍ନ, ସୂର୍ଯ୍ୟ ଠିକ୍ ମୁଣ୍ଡ ଉପରେ ଥିବା ସମୟ (ଦିନ ୧୨ଟା) । ସନ୍ଧ୍ୟା – ସୂର୍ଯ୍ୟାସ୍ତ ସମୟ । ଏହି ସମୟରେ ଧ୍ୟାନ କରିବାକୁ କୁହାଯାଇଛି । ଏହି ତିନୋଟି ମୁହୂର୍ତ୍ତରେ ଈଶ୍ୱରୀୟ ଶକ୍ତିର ପ୍ରଭାବ ଅଧିକ ଏବଂ ବିରୋଧୀଶକ୍ତି କମ୍ ଥିବାରୁ  ସାଧକକୁ ଧ୍ୟାନ କରିବାରେ ସହାୟକ ହୋଇଥାଏ । ସାଧାରଣତଃ ସୂର୍ଯ୍ୟ ଉଦୟ ସମୟ ଆମ୍ଭମାନଙ୍କ ପାଇଁ ବହୁତ ଉପଯୋଗୀ ହୁଏ କାହିଁକି ନା ରାତ୍ରିର ପୂର୍ଣ୍ଣ ବିଶ୍ରାମ ପରେ ଶରୀର ଓ ମନ ଶାନ୍ତ ଥାଏ । ସଂସାରର କୋଳାହଳ ନ ଥାଏ । ଏପରି ମଧ୍ୟ ଲେଖାଅଛି ପ୍ରତ୍ୟେକ ଅମାବାସ୍ୟାରୁ ପୂର୍ଣ୍ଣିମା, ଏହି ୧୫ ଦିନ ବା ଶୁକ୍ଳପକ୍ଷରେ ଧ୍ୟାନ କରିବାରେ ବାହ୍ୟ ପ୍ରତିବନ୍ଧକ ବେଶି ନ ଥାଏ । ରାତ୍ରି ୧୦-୧୨ଟା ଭିତରେ ଧ୍ୟାନ କରିବା ପାଇଁ ପ୍ରାଥମିକ ଅବସ୍ଥାରେ ମନା ଅଛି । କାରଣ ଏହି ସମୟରେ ନକାରାତ୍ମକ ପ୍ରଭାବରେ ଆମର ମନ ପ୍ରଭାବିତ ହେବାର ଅଧିକ ସମ୍ଭାବନା ଥାଏ ।

**ଆସନ :** ଧ୍ୟାନ ପାଇଁ ଅନେକ ପ୍ରକାର ଆସନ ବିଷୟରେ କୁହାଯାଇଅଛି । ସମସ୍ତଙ୍କ ପାଇଁ ସମସ୍ତ ଆସନ ସହଜ ହୋଇ ନ ଥାଏ । ଶରୀରକୁ କଷ୍ଟ ଦେଇ ଜୋର୍‌ଜବରଦସ୍ତି କୌଣସି  ଏକ ଆସନ କଲେ ମନ ନିର୍ଦ୍ଦିଷ୍ଟ ବିଷୟବସ୍ତୁରେ କେନ୍ଦ୍ରିତ ହୋଇପାରିବ ନାହିଁ, ବରଂ ଶରୀର କ୍ଷତିଗ୍ରସ୍ତ ହେବ । ସେଥିପାଇଁ ସୁଖ ଆସନରେ ବସି ଧ୍ୟାନ କରିବା ଭଲ । ଯେଉଁମାନେ ପଦ୍ମାସନରେ ବସିପାରିବେ ଭଲ । ଯେଉଁମାନେ ତଳେ ବସିପାରିବେନି ସେମାନେ

ଚେୟାରରେ ବସି ଧ୍ୟାନ କରିପାରିବେ । ମୁଖ୍ୟ କଥା ହେଲା ଯେମିତି ବସ ମେରୁଦଣ୍ଡ ପୂରା ସିଧା ରହିବ ।

**ସ୍ଥାନ :** ଧ୍ୟାନ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ରଖିବା ଉଚିତ । ସ୍ଥାନଟି ଖୋଲା, ପବିତ୍ର ଓ ସୁନ୍ଦର ହେବା ଆବଶ୍ୟକ । ନିୟମିତ ଗୋଟିଏ ସ୍ଥାନରେ ଧ୍ୟାନ କରିବା ଦ୍ୱାରା ସ୍ଥାନଟି ମଧ୍ୟ ପ୍ରଭାବିତ ହୁଏ ଏବଂ ଗୋଟିଏ ଚୁମ୍ବକୀୟ ଆକର୍ଷଣ ରହିଯାଏ । ସେଠାରେ ଧ୍ୟାନ ଆରମ୍ଭ କରିବାମାତ୍ରେ ମନ ଆପେଆପେ ଶାନ୍ତ ହୋଇଯାଏ । ଆମ୍ଭେମାନେ ମନ୍ଦିର, ଆଶ୍ରମ ଭିତରେ ଧ୍ୟାନ କଲାବେଳେ ଏହା ଅନୁଭବ କରିଥାଉ ।

**ଧ୍ୟାନର ଉପକାରିତା :** ଧ୍ୟାନର ଉପକାରିତା ବିଷୟରେ ବୁଝିଗଲେ ଧ୍ୟାନ କରିବାକୁ ନିଶ୍ଚିତଭାବରେ ଆଗ୍ରହୀ ହେବା ଏବଂ ନିୟମିତ ଧ୍ୟାନ କରିବାରେ ଅବହେଳା କରିବା ନାହିଁ । ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଧ୍ୟାନ ହିଁ ପଥ । ଧ୍ୟାନ ଫଳପ୍ରଦ ହେବାଦ୍ୱାରା ଆମର ଉଚ୍ଚତର ଶକ୍ତିଗୁଡ଼ିକର ବିକାଶ ହୁଏ । ଏହା ଆମ୍ଭକୁ ସାଂସାରିକ କର୍ମ କ୍ଷେତ୍ରରେ ମଧ୍ୟ ସାହାଯ୍ୟ କରେ । ଧ୍ୟାନଦ୍ୱାରା ଏକାଗ୍ରତା ବୃଦ୍ଧି ହୁଏ । ଏକାଗ୍ରତାଦ୍ୱାରା ଯେଉଁସବୁ କାର୍ଯ୍ୟ କରାଯାଏ ତାହା ଉତ୍ତମ, ନିଖୁଣ କାର୍ଯ୍ୟ ହୋଇଥାଏ । ଧ୍ୟାନଦ୍ୱାରା ଆମ୍ଭ ଜୀବନର ଅନେକ ସମସ୍ୟାର ସମାଧାନ ହୋଇଯାଏ । ନିୟମିତ ଧ୍ୟାନ ଅଭ୍ୟାସ କରି ନିଜର ଦୁର୍ଗୁଣକୁ ଦୂର କରି ସୁଗୁଣର ବିକାଶ କରାଯାଏ। ନିଜ ଜୀବନରେ ଆସୁଥିବା ଦୁଃଖକଷ୍ଟ ସହ୍ୟ କରିବାର ଶକ୍ତି ମଧ୍ୟ ଆସିଥାଏ । ଧ୍ୟାନଦ୍ୱାରା ଅବୋଧ୍ୟ ବିଷୟ ବୋଧଗମ୍ୟ ହୁଏ । ପୁସ୍ତକୀୟ ଜ୍ଞାନ ପ୍ରଭାବରେ ପରିଣତ ହୁଏ । ନିୟମିତ ଧ୍ୟାନ ଦ୍ୱାରା ଏକତ୍ୱବୋଧ ହୁଏ । ପରମ ଶାନ୍ତି ଓ ଆନନ୍ଦପ୍ରାପ୍ତ ହୁଏ । ଆତ୍ମ ଉପଲବ୍ଧି କରି ଈଶ୍ୱରଙ୍କ କ୍ରମବିକାଶ ଯୋଜନାରେ ଜଣେ ସକ୍ରିୟ ସହାୟକ ହୁଅନ୍ତି । ଯଦିଓ ପୂର୍ବରୁ ସାଧକ ନିଷ୍ଠାର ସହିତ ଅଧ୍ୟୟନ, ମନନ, ଚିନ୍ତନ ଓ ଧ୍ୟାନଦ୍ୱାରା ନିଜର ତଥା ଅନ୍ୟମାନଙ୍କୁ ଅନେକ ଭାବରେ ସାହାଯ୍ୟ କରିଛନ୍ତି । କିନ୍ତୁ ସେହି ସୂକ୍ଷ୍ମ ଅଦୃଶ୍ୟ ପ୍ରଭାବ ବିଷୟରେ ସାଧକ ପ୍ରତ୍ୟକ୍ଷ ଭାବରେ ଦେଖିପାରି ନ ଥାନ୍ତି । ଆମର ଋଷି, ମହାତ୍ମାମାନେ ଏହାର ପ୍ରଭାବ ବିଷୟରେ ବର୍ଣ୍ଣନା କରିଛନ୍ତି । ବର୍ତ୍ତମାନ ବୈଜ୍ଞାନିକମାନେ ଏ ବିଷୟରେ ଗବେଷଣା କରି ସମ୍ୟକ୍ ଧାରଣା ଦେଉଛନ୍ତି । ଏହା ପ୍ରକୃତିର ଅକାଟ୍ୟ ନିୟମ । ଭଲ ବିଚାର,

ମନନ, ଚିନ୍ତନ ଓ ଧ୍ୟାନର ପ୍ରଭାବ ଯେତିକି ପ୍ରଭାବବାନ୍ ସେତିକି ମଧ୍ୟ ସୁଦୂରପ୍ରସାରୀ ।

**ଧ୍ୟାନର ପ୍ରଣାଳୀ :** ଧ୍ୟାନ କରିବା ପାଇଁ ଅନେକ ପ୍ରଣାଳୀ ରହିଅଛି । ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନଙ୍କୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଧ୍ୟାନ କରିବାକୁ ବାଧ୍ୟ କରାଯାଏ ନାହିଁ । ପ୍ରତ୍ୟେକ ନିଜ ନିଜର ରୁଚି ଅନୁସାରେ ଧ୍ୟାନର ପନ୍ଥା ବାଛି ନେବା । ବିଶେଷତଃ ଦୁଇଟି ପ୍ରଣାଳୀରେ ଆମେ ଧ୍ୟାନ ଅବସ୍ଥାରେ ଉପନୀତ ହୋଇପାରିବା ।

**ପ୍ରକୃତି ଦର୍ଶନରେ -**

ପ୍ରକୃତିର ସୌନ୍ଦର୍ଯ୍ୟ ଯଥା – ସୂର୍ଯ୍ୟ ଉଦୟ, ଅସ୍ତ, ସମୁଦ୍ର, ଝରଣାକୁ ଗଭୀର ଭାବରେ ଅନୁଧ୍ୟାନ କରୁକରୁ ମନ ଶାନ୍ତ ହୋଇଯାଏ । ସେତେବେଳେ ଚେତନା ସ୍ୱତଃ ବୌଦ୍ଧିକ ଶରୀରକୁ ସ୍ଥାନାନ୍ତରିତ ହୋଇ ସେଠାରେ କେନ୍ଦ୍ରୀଭୂତ ହୁଏ। ସେଠାରେ ସଂପୂର୍ଣ୍ଣ ଭିନ୍ନ ଅଭିଜ୍ଞତା ପ୍ରାପ୍ତ ହୁଏ। ଝରଣାଟିର କୁଳୁକୁଳୁ ନାଦ, ସୁନ୍ଦର ସ୍ୱଚ୍ଛ ଜଳରାଶି ଦେଖି ମନ ଅନୁଶୀଳନ କରି ଚାଲେ କିଭଳି ଗୋଟିଏ ପଥର ଭିତରୁ ବା ବୃକ୍ଷର ଚେର ମଧ୍ୟରୁ ଅବିରତ ଭାବରେ ସୁଶୀତଳ ଜଳରାଶି ପ୍ରବାହିତ ହେଉଛି। କି ଆଶ୍ଚର୍ଯ୍ୟ ! ମନର ଏହାର ରହସ୍ୟ ଖୋଜି ପାଏନି । ନିଜର ସୀମିତତାକୁ ବୁଝି ଶାନ୍ତ ହୋଇଯାଏ। ସେତେବେଳେ ସେ ସତ୍ୟକୁ ଉପଲବ୍ଧି କରେ ।

**ଉଚ୍ଚତର ବିଷୟରେ ବିଚାର :** ଉଚ୍ଚତର ବା ଗଭୀର ଜ୍ଞାନ ଉପରେ ମନକୁ କେନ୍ଦ୍ରିତ କରିବା ପୂର୍ବରୁ ଆମ୍ଭକୁ ପ୍ରଥମେ ନିଜ ଭିତରର ଦୋଷଦୁର୍ବଳତାକୁ (ଯାହା ଆମର ସାଧନାରେ ବାଧକ ସାଜେ) ଦୂର କରିବା ଆବଶ୍ୟକ । ସେଥିପାଇଁ ଧରନ୍ତୁ ରାଗ ବା କ୍ରୋଧ ଉପରେ ମନନ ନ କରି ତାର ବିପରୀତ ଶାନ୍ତସ୍ୱଭାବ ଉପରେ ଆମ୍ଭେ ମନନ ଚିନ୍ତନ କରିବା । ପ୍ରଥମେ ମନ କେତେଥର ଏଣେତେଣେ ଯିବ; କିନ୍ତୁ ଆମ୍ଭେ ସଚେତନ ରହି ବାରମ୍ବାର ଆଲୋଚ୍ୟ ବିଷୟରେ ମନକୁ କେନ୍ଦ୍ରିତ କରିବା । ଏହିପରି ଲଗାତାର ଅଭ୍ୟାସ କରିବାଦ୍ୱାରା ରାଗ କମିଯାଏ ଓ ସ୍ୱତଃ ଶାନ୍ତଭାବ ପ୍ରକାଶିତ ହୁଏ । ସେଥିପାଇଁ କଥା ଅଛି– "ଏ ମନ ଭାବୁ ଥାଇ ଯାହା / କାଳେ ପ୍ରାପତ ହୁଏ ତାହା ।" ଆମ୍ଭର ଚରିତ୍ର ନିର୍ମାଣ ପାଇଁ ଦୁଇଖଣ୍ଡ Medi-

tation ପୁସ୍ତକ ଅଛି । ପ୍ରଥମଟି At the Feet of the Master ଏବଂ Daily Meditation । ପ୍ରତିମାସରେ ଗୋଟିଏ ଗୋଟିଏ ଐଶ୍ୱରିକ ଗୁଣ ଉପରେ ମନନ, ଚିନ୍ତନ, ଧ୍ୟାନ କରିବାକୁ ବର୍ଣ୍ଣିତ ଅଛି । ଯଥା- କରୁଣା, ଭକ୍ତି, ସାହସ, ସହନଶୀଳତା, ନିସ୍ୱାର୍ଥପରତା, ସତ୍ୟ ଇତ୍ୟାଦି ।

'Unity of life' ବା ଜୀବନର ଏକତ୍ୱ ଉପରେ ଜାଣିବାକୁ ହେଲେ ଭିନ୍ନତା ଭିତରେ ଏକତାକୁ ବୁଝିବାକୁ ହେବ । ସେଥିପାଇଁ ମନକୁ ଉଚ୍ଚତର ବିଷୟ ଉପରେ ନିବଦ୍ଧ କରିବାକୁ ହେବ । ସବୁ ରୂପ ମଧ୍ୟରେ କ'ଣ ରହିଅଛି, ଯାହା ସର୍ବଜ୍ଞ, ସର୍ବଶକ୍ତିମାନ, ସର୍ବ ବିଦ୍ୟମାନ । ସେ ଚାଲିଗଲେ ଏ ଶରୀର ମୃତ । ବାରମ୍ବାର ଚିନ୍ତନ ମନନ କଲେ ତାର ଲୁକ୍‌କାୟିତ ଅର୍ଥ ପ୍ରକାଶିତ ହୁଏ । ଏପରି ବିଷୟରେ ମନକୁ ବିନିଯୋଗ କଲେ ମନ କିଛି ଜାଣିପାରେନା । ମନ କେବଳ ଯାହା ଶୁଣିଛି, ଦେଖିଛି, ପଢ଼ିଛି, ମନେରଖିଛି ସେହି ବିଷୟରେ ବିଚାର କରିପାରିବ । ଏପରି ଗଭୀର ଜ୍ଞାନ ବିଷୟକୁ ନ ଜାଣିପାରି ଆପେଆପେ ଶାନ୍ତ ହୋଇଯିବ । ମନ ଶାନ୍ତ ହେଲେ ବୌଦ୍ଧିକ ତତ୍ତ୍ୱ ଆପେଆପେ ପ୍ରକାଶିତ ହେବ, ଯାହାଦ୍ୱାରା ଆଲୋଚ୍ୟ ବିଷୟକୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରି ହେବ ।

**(୧) ଏକାଗ୍ରତା :** କୌଣସି ଗୋଟିଏ ବିଷୟ ଉପରେ ମନକୁ ପ୍ରଥମେ ଏକାଗ୍ର କରିବାକୁ ହୁଏ । ଆମର ମନ ବଡ଼ ଚଞ୍ଚଳ । ତାର ପ୍ରକୃତି ଗୋଟିଏ ବିଷୟରୁ ଅନ୍ୟ ବିଷୟକୁ ଧାବିତ ହେବ । ଏହି ଚଞ୍ଚଳ ମନ ହିଁ ଆମର ସମସ୍ତ ସମସ୍ୟାର କାରଣ ଏହା ଅନ୍ତଃମୁଖୀ ହୋଇ ନିଜକୁ ଜାଣିବାରେ ବାଧକ । ସେଥିପାଇଁ ଶାନ୍ତ ମନ ଆବଶ୍ୟକ । ଶାନ୍ତ ଓ ନିର୍ମଳ ମନ ପ୍ରତ୍ୟେକ ବସ୍ତୁ, ଜୀବ, ମାନବର ପ୍ରକୃତ ଅବସ୍ଥା ଯାହା, ତାହା ଦେଖେ । See things as it is. ଯେଭଳି ଗୋଟିଏ ପୋଖରୀ ପାଣି ନିର୍ମଳ ଓ ଶାନ୍ତ ଥିଲେ ତା' ଚତୁଃପାର୍ଶ୍ୱରେ ଥିବା ବୃକ୍ଷ, ପଶୁ, ମାନବ ଏବଂ ଉପରେ ସୂର୍ଯ୍ୟ, ଚନ୍ଦ୍ରଙ୍କର ପ୍ରତିବିମ୍ବ ସଠିକ୍ ଭାବରେ ପ୍ରତିବିମ୍ବିତ ହୁଏ, ନଚେତ୍ ପ୍ରତିବିମ୍ବ ବିକୃତ ରୂପ ନିଏ, ସେହିଭଳି ଶାନ୍ତ ମନରେ ଆତ୍ମାଙ୍କର କାର୍ଯ୍ୟ ସାଧିତ ହୁଏ । ଯୁଗଯୁଗର ଅଶାନ୍ତ ମନକୁ ହଠାତ୍ ଜୋରଜବରଦସ୍ତି ଶାନ୍ତ କରି ହୁଏନା । ବରଂ ଏହାକୁ ଭଲ କାର୍ଯ୍ୟରେ ରୂପାନ୍ତରିତ କରିପାରିବା ଆବଶ୍ୟକ ।

ସେଥିପାଇଁ ପ୍ରଥମରୁ ଯେଉଁସବୁ କାର୍ଯ୍ୟ ଆମ୍ଭେ ନିୟମିତ କରୁଛେ, ସେହି ପ୍ରତ୍ୟେକ କାମକୁ ଏକାଗ୍ର ହୋଇ କରିବା । ସେ କାର୍ଯ୍ୟ ଛୋଟ ହେଉ ବା ବଡ଼ ହେଉ ଏହା ଆମକୁ ଧ୍ୟାନ କରିବାରେ ସାହାଯ୍ୟ କରେ ।

ପ୍ରାର୍ଥନା, ଭଜନ, ପୂଜା ଦ୍ୱାରା ମଧ୍ୟ ଭକ୍ତିଭାବରେ ପ୍ଲାବିତ ହୋଇ ଏକାଗ୍ର ମନରେ ଉକ୍ତ ଇଚ୍ଛାର ଉପଲବ୍ଧି କରିଥିବାର ଅନେକ ଉଦାହରଣ ରହିଅଛି । ଭକ୍ତିରେ ବିଭୋର ହୋଇ ଭକ୍ତ ବୌଦ୍ଧିକ ଚେତନାରେ ପ୍ରବେଶ କରି ଆତ୍ମବିଭୋର ହୋଇ ଶାନ୍ତି ଓ ଆନନ୍ଦ ଉପଲବ୍ଧି କରିଥାନ୍ତି । ଯଦିଓ ପ୍ରାର୍ଥନା, ଭଜନ, କୀର୍ତ୍ତନ, ପୂଜା ଆଦି ସ୍ଥୂଳ ଶରୀରରୁ ଆରମ୍ଭ ହୋଇଥିଲା; କିନ୍ତୁ ତୀବ୍ର ଭକ୍ତିଭାବ ଫଳରେ ଚେତନା ସ୍ଥୂଳରୁ ସୂକ୍ଷ୍ମ ଏବଂ ବୌଦ୍ଧିକ ଓ ଆତ୍ମିକ ଚେତନାକୁ ସ୍ଥାନାନ୍ତରିତ ହୋଇଯାଏ । ସେହିଭଳି ବାରମ୍ବାର ମନ୍ତ୍ର ଜପ ଦ୍ୱାରା ମଧ୍ୟ ମନ ଶାନ୍ତ ହୋଇ ଚେତନା ମାନସିକ ସ୍ତରରୁ ବୌଦ୍ଧିକ ସ୍ତରରେ କେନ୍ଦ୍ରିତ ହୁଏ । ଉଦାହରଣ – ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ପ୍ରଣବ ମନ୍ତ୍ର ଇତ୍ୟାଦି । ଏଠାରେ ମଧ୍ୟ ସବୁ ସ୍ଥୂଳରୁ ଆରମ୍ଭ ହୁଏ । ଧୀରେଧୀରେ ସ୍ୱୟଂ ଚେତନାରେ ନୀରବରେ ଉଚ୍ଚାରଣ, ତତ୍‌ପରେ ମାନସିକ ଓ ଶେଷରେ ବୌଦ୍ଧିକ ସ୍ତରରେ ପଦାର୍ପଣ କରେ । ଏହି ଦୁଇଟି ପ୍ରଣାଳୀ ଯଦିଓ ଦୃଢ଼; ତଥାପି ଦୁଇଟି ଯାକର ଶେଷ ପରିଣତି ଏକ । ତାହା ମନର 'ନୀରବତା' ।

**ଆତ୍ମ ନିରୀକ୍ଷଣ :** ଆତ୍ମ ନିରୀକ୍ଷଣ ବା ସକାଳୁ ରାତ୍ରି ପର୍ଯ୍ୟନ୍ତ ଆମ୍ଭେ ଆମ୍ଭର କାର୍ଯ୍ୟ, ଭାବନା, ବିଚାରକୁ ନିରୀକ୍ଷଣ କରିବା । ଆମର କଥା, କାର୍ଯ୍ୟ, ବିଚାର କେତେଦୂର କାହାକୁ ସାହାଯ୍ୟ କଲା ନା କ୍ଷତି କଲା । ସକାଳେ ଯେଉଁ ବିଷୟକୁ ନେଇ ମନନ, ଚିନ୍ତନ, ଧ୍ୟାନ କରି ତାହାକୁ କେତେଦୂର କାର୍ଯ୍ୟକାରୀ କରିପାରିଲେ ତାହାକୁ ନିରୀକ୍ଷଣ କରିବାକୁ ହୁଏ । ଏହାଦ୍ୱାରା ଆମର ସାଂସାରିକ ବିଷୟବାସନାରୁ ମନ ହଟିଯାଇ ଉଚ୍ଚତର ବିଶ୍ୱାସ କେନ୍ଦ୍ରିତ ହୁଏ । ବିବେକ, ବୈରାଗ୍ୟ, ପବିତ୍ରତା, ସେବା ଓ ନିଃସ୍ୱାର୍ଥପର ପ୍ରେମଭାବ ବଢ଼ିଚାଲେ । ଅନ୍ତରର ବାଣୀ, ଅନ୍ତଃଦୃଷ୍ଟି ସେତିକି ସେତିକି ପ୍ରକାଶିତ ହୁଏ । ସାଧକ ସମସ୍ତଭାବେ ସତ୍ତାର ଏକତ୍ୱ ଭାବକୁ ଉପଲବ୍ଧି କରିପାରନ୍ତି । ଯିଏ ଏହାକୁ ଉପଲବ୍ଧି କରିଛନ୍ତି ସେ ହିଁ ପ୍ରକୃତ ପ୍ରେମୀ । ଏହା ପ୍ରତିପାଦିତ ହୋଇ ନିଃସ୍ୱାର୍ଥପର ସେବା ହିଁ ବାକି ଜୀବନର ଲକ୍ଷ୍ୟ ହୋଇଯାଏ ।

❖❖❖

# ଇହୁଦୀ ଧର୍ମ

**ରାଜକୁମାର ପୃଷ୍ଟି**

ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଦେଶରୁ ସୃଷ୍ଟ ଇହୁଦୀ ଧର୍ମ (Judaism religion) ବିଶ୍ୱର ପ୍ରାଚୀନ ଏକେଶ୍ୱରବାଦୀ ଧର୍ମମାନଙ୍କ ମଧ୍ୟରେ ଅନ୍ୟତମ । ଏହି ଧର୍ମ ବିଶ୍ୱାସରେ ଖ୍ରୀଷ୍ଟପୂର୍ବ ପ୍ରାୟ ୨୦୦୦ ରେ ଇଶ୍ୱର ପ୍ରଥମେ ହିବ୍ରୁ ଜାତିର ଆବ୍ରାହମ୍‌ଙ୍କ ମାଧ୍ୟମରେ ନିଜକୁ ପରିପ୍ରକାଶ କରିଥିଲେ । ତେଣୁ ଇହୁଦୀମାନେ ଆବ୍ରାହମଙ୍କୁ ଇହୁଦୀ ଧର୍ମର ପ୍ରତିଷ୍ଠାତା ଭାବରେ ଗ୍ରହଣ କରନ୍ତି । ଇହୁଦୀମାନେ ନିଜକୁ ଜଗତର ପ୍ରାଚୀନ ତଥା ଶ୍ରେଷ୍ଠତମ ଜାତି ବୋଲି ବିଶ୍ୱାସ କରନ୍ତି । ସେମାନଙ୍କର ଧାରଣା ଯେ ଇଶ୍ୱର ସେମାନଙ୍କୁ ହିଁ କେବଳ ନିଜର ପ୍ରିୟ ବୋଲି ଅଭିଷିକ୍ତ କରିଛନ୍ତି । ହିବ୍ରୁ ଲୋକଙ୍କୁ ଆଗେଇ ନେବାପାଇଁ ଈଶ୍ୱରଙ୍କଦ୍ୱାରା ମନୋନୀତ ମୋଶି ସିନାଇ ପର୍ବତରେ ଈଶ୍ୱରଙ୍କଠାରୁ ଦଶଟି ଆଜ୍ଞା ପାଇଥିଲେ, ଯାହା ଈଶ୍ୱର ଓ ଇସ୍ରାଏଲମାନଙ୍କ ମଧ୍ୟରେ ଏକ ଚୁକ୍ତି ଭାବରେ ଗ୍ରହଣ କରାଯାଏ । ଏହା ଦର୍ଶାଏ ଯେ ସେମାନେ ଈଶ୍ୱରଙ୍କର ଆଜ୍ଞା ବା ନିୟମ ପାଳନ କରୁଥିବା ପର୍ଯ୍ୟନ୍ତ ଈଶ୍ୱର ସେମାନଙ୍କର ଯତ୍ନ ନେବେ । ଏହି ଦଶଟି ଆଜ୍ଞା ହେଲା–

(୧) ମୋ ବିନା ତୁମର କୌଣସି ଦେବତା ନ ଥାଉ (ଆଉ କୌଣସି ଦେବତା ଉପାସନା କରିବ ନାହିଁ ।)

(୨) ତୁମେ କୌଣସି ପ୍ରତିମା ପୂଜା କରିବ ନାହିଁ । (ସ୍ୱର୍ଗ, ପୃଥିବୀ କିମ୍ବା ଜଳରେ ଥିବା କୌଣସି ମୂର୍ତ୍ତି ନିର୍ମାଣ କରି, ତାହା ଆଗରେ ମୁଣ୍ଡ ନୁଆଁଇବ ନାହିଁ କିମ୍ବା ସେବା କରିବ ନାହିଁ ।)

(୩) ତୁମେ ଆପଣା ପ୍ରଭୁ ପରମେଶ୍ୱରଙ୍କ ନାମ ବୃଥାରେ ଗ୍ରହଣ କରିବ ନାହିଁ । (ତାଙ୍କର ନାମର ଅପବ୍ୟବହାର କରିବ ନାହିଁ)

(୪) ପବିତ୍ର ଭାବରେ ବିଶ୍ରାମବାରକୁ ପାଳନ କରିବ ।

(୫) ତୁମର ପିତାମାତାଙ୍କୁ ସମ୍ମାନ କରିବ ।

(୬) ନରହତ୍ୟା କରିବ ନାହିଁ ।

(୭) ବ୍ୟଭିଚାର କରିବ ନାହିଁ ।

(୮) ଚୋରି କରିବ ନାହିଁ ।

(୯) ପଡ଼ୋଶୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବ ନାହିଁ ।

(୧୦) ପଡ଼ୋଶୀର କୌଣସି ବସ୍ତୁ (ଘର, ସ୍ତ୍ରୀ, ଦାସଦାସୀ, ଗୋରୁ-ଗଧ) ପ୍ରତି ଲୋଭ କରିବ ନାହିଁ ।

ଏହି ଆଜ୍ଞାଗୁଡ଼ିକ ସିନାଇ ପର୍ବତ ଉପରେ ଈଶ୍ୱର ମୋଶିଙ୍କୁ ପଥର ଫଳକରେ ଲେଖି ପ୍ରଦାନ କରିଥିଲେ ।

ମୋଶି କହନ୍ତି– ଈଶ୍ୱର ଛଅଦିନ ମଧ୍ୟରେ ସମଗ୍ର ଜଗତକୁ ସୃଷ୍ଟି କରି ସପ୍ତମ ଦିନରେ ବିଶ୍ରାମ କରିଥିଲେ । ସେହି ବିଶ୍ରାମବାର ଶନିବାର ଥିବାରୁ ଅଦ୍ୟାପି ଇହୁଦୀମାନେ ପ୍ରତ୍ୟେକ ସପ୍ତାହର ଶୁକ୍ରବାର ସନ୍ଧ୍ୟାଠାରୁ ପରଦିନ ଶନିବାର ରାତ୍ରି ପର୍ଯ୍ୟନ୍ତ ସମୟକୁ ଅତି ପବିତ୍ର ଭାବରେ ଗ୍ରହଣ କରି ଗୃହକାର୍ଯ୍ୟ ବା ଅନ୍ୟ କୌଣସି କାର୍ଯ୍ୟରେ ଲିପ୍ତ ନ ରହି କେବଳ ଈଶ୍ୱରଙ୍କ ଭଜନ ଓ ପ୍ରାର୍ଥନାରେ ମନୋନିବେଶ କରିଥାନ୍ତି, ଯାହା ଶବବାତ ଭାବରେ ଜଣା । ହିବ୍ରୁ ଭାଷାରେ ଲିଖିତ ପବିତ୍ର ବାଇବେଲ୍‌ର ପ୍ରଥମ ପାଞ୍ଚଟି ପୁସ୍ତକ ବା ପୁରାତନ ଧର୍ମ ନିୟମ(Old Testament) ହେଉଛି ଇହୁଦୀମାନଙ୍କର ଧର୍ମଗ୍ରନ୍ଥ ଯାହା ଟୋରା (Torah) ନାମରେ ବିଦିତ; କିନ୍ତୁ ଇହୁଦୀମାନେ ଖ୍ରୀଷ୍ଟିଆନ୍‌ଙ୍କର ନିଉ ଟେଷ୍ଟାମେଣ୍ଟ୍ (New Testament) କୁ ମାନନ୍ତି ନାହିଁ । ସେମାନଙ୍କର ଧର୍ମ ମନ୍ଦିରକୁ ସିନାଗଗ୍ କୁହାଯାଏ, ଯାହା ପ୍ରାର୍ଥନା ଓ ଶିକ୍ଷାଗ୍ରହଣ ପାଇଁ ବ୍ୟବହାର କରାଯାଏ । ୟାହେ (Yahweh) ସେମାନଙ୍କର ଉପାସ୍ୟ, ଇହୁଦୀମାନେ ପ୍ରାର୍ଥନା କରିବା ସମୟରେ ଜେରୁଜେଲମ (Jerusalam) ଆଡ଼କୁ ମୁହଁ କରନ୍ତି, କାରଣ ଏହା ପବିତ୍ର ଇସ୍ରାଏଲ ଭୂଖଣ୍ଡର ପୁରାତନ ରାଜଧାନୀ ଓ ଇହୁଦୀ ଧର୍ମର ଆଦ୍ୟ ଧର୍ମପୀଠ ।

ପ୍ରାଚୀନ ମିଶର ବା ଇଜିପଟ୍ ଦେଶର ସମ୍ରାଟ୍ ଅର୍ଥାତ୍ ଫାରୋମାନେ ଇହୁଦୀମାନଙ୍କୁ ଇଜିପ୍ଟ୍ ଦେଶରୁ ଅକଥନୀୟ ଅତ୍ୟାଚାରପୂର୍ବକ ତଡ଼ି ଦେଇଥିବାରୁ ମୋଶି ଏକ ଅନାଥ ଶିଶୁ ଭାବରେ ଫାରୋଙ୍କ ରାଣୀଙ୍କଦ୍ୱାରା ପାଳିତ ହୋଇ ଫାରୋଙ୍କୁ ମାରିଥିଲେ । ଇହୁଦୀମାନଙ୍କର ବିଶ୍ୱାସ ଯେ ଇସାୟଯେକବ୍, ଆବ୍ରାହମ୍, ସୋଲମନ୍, ଡେଭିଡି ଓ ମୋଶି ପ୍ରଭୃତି ବହୁ ପ୍ରଫେଟ୍ ତାଙ୍କ ସମାଜରେ ଜନ୍ମ ହୋଇଛନ୍ତି । ସେମାନେ ଆହୁରି ମଧ୍ୟ ବିଶ୍ୱାସ କରନ୍ତି ଯେ ଦୁଷ୍ଟ ଦମନ ଓ ଶିଷ୍ଟ ପାଳନ ନିମନ୍ତେ

ଆଉ ଜଣେ ତ୍ରାଣକର୍ତ୍ତା ମୋସିଆଙ୍କୁ ଈଶ୍ୱର ବିଶ୍ୱଶାନ୍ତି ଓ ମୁକ୍ତି ପାଇଁ ଜଗତକୁ ପ୍ରେରଣ କରିବେ ।

ଇହୁଦୀମାନେ ଦିନକୁ ତିନିଥର ପ୍ରାର୍ଥନା କରନ୍ତି । ସକାଳର ପ୍ରାର୍ଥନାକୁ ଶାହରିତ୍ କୁହାଯାଉଥିବାବେଳେ ମିନହା ଓ ମାରିବ୍ ଯଥାକ୍ରମେ ଅପରାହ୍ନ ଓ ସନ୍ଧ୍ୟା ପ୍ରାର୍ଥନାକୁ ବୁଝାଏ । ପ୍ରତ୍ୟେକ ଦିନ ବିଛଣାକୁ ଯିବା ଆଗରୁ ମୁଦ୍ରିତ ଆଖିରେ ଇହୁଦୀମାନେ ପ୍ରାର୍ଥନା କରନ୍ତି, ଯାହାର ତାତ୍ତ୍ୱିକ ଅର୍ଥ ହେଉଛି ଆତ୍ମାର ସ୍ଥାନ ହୃଦୟରେ ଓ ଯିଏ ଜୀବନ ଦେଇଛନ୍ତି ସେ ହିଁ କେବଳ ଏହାକୁ ନେବେ । ତେଣୁ ସେମାନେ ଦୁଃଖ-କଷ୍ଟ ସହ୍ୟକରି ଜୀବନଯାପନ କରିବାକୁ ପସନ୍ଦ କରିବା ସହିତ ଇଚ୍ଛାମୃତ୍ୟୁ/ ଆତ୍ମହତ୍ୟାକୁ ଅଗ୍ରାହ୍ୟ କରନ୍ତି । ଇହୁଦୀମାନେ ନିଜ ଘରର ମୁଖ୍ୟଦ୍ୱାରର ଡାହାଣ ପାର୍ଶ୍ୱରେ ହିବ୍ରୁ ଭାଷାରେ ଲିଖିତ ଧାର୍ମିକ ଛୋଟ ପାଣ୍ଡୁଲିପି ଲଗାଇଥାନ୍ତି, ଯାହା ତାଙ୍କୁ ଈଶ୍ୱରଙ୍କର ଉପସ୍ଥିତି, ତାଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ସହିତ ଈଶ୍ୱରଙ୍କ ଆଜ୍ଞାଗୁଡ଼ିକୁ ମନେପକାଇ ଦିଏ । ଏହି ଧର୍ମରେ ପ୍ରତିମାପୂଜା, ହତ୍ୟା କରିବା ଓ ଯୌନ ଦୁରାଚାର ତିନୋଟି ମୁଖ୍ୟପାପ ବୋଲି ବିବେଚନା କରାଯାଏ, ଯାହା ମଣିଷକୁ ଅନ୍ୟାନ୍ୟ ପାପରେ ଭାଗୀ ହେବାରେ ସହଯୋଗ କରେ । ଏହି ଧର୍ମ ସମାନତା, ନୈତିକ ଜୀବନଯାପନ, ଶାନ୍ତି, ସମୃଦ୍ଧି, ସୌହାର୍ଦ୍ଦ୍ୟ ଓ ଖାଦ୍ୟର ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବା ସହ କାର୍ଯ୍ୟ ଓ ଆଚରଣରେ ନ୍ୟାୟ, ଦାନ ଓ ସହାନୁଭୂତି ପ୍ରଦାନ ନିମନ୍ତେ ଶିକ୍ଷା ଦିଏ । ଏହି ଧର୍ମ ଗର୍ବରହିତ ଜୀବନଯାପନ ପାଇଁ ଶିକ୍ଷାଦିଏ କାରଣ ଏହି ଧର୍ମ ଭାବନାରେ ଗର୍ବ ବା ଅହଂକାର ମଣିଷର ଶାନ୍ତି ନଷ୍ଟକରି ଆତ୍ମାର ଉନ୍ନତିର ଅବରୋଧ ସହିତ ସମସ୍ତ ପାପର ମାର୍ଗ ଉନ୍ମୁକ୍ତ କରିଦିଏ ଏବଂ ମଣିଷକୁ ଈଶ୍ୱରପ୍ରାପ୍ତିର ମାର୍ଗରେ ଅଗ୍ରସର ହେବାକୁ ଦିଏ ନାହିଁ । ଏହି ଧର୍ମ ଭାବନାରେ ପାପବିହୀନ ଜୀବନଯାପନ କଲେ ମୃତ୍ୟୁ ପରେ ସ୍ଥୂଳ ଶରୀର କବର ପାଇବା ପରେ ଅର୍ଥାତ୍ ଧୂଳିରେ ମିଶିବା ପରେ ଆତ୍ମା ସ୍ୱର୍ଗପୁରକୁ ଗମନ କରେ । ତେଣୁ ମଣିଷର ମୃତ୍ୟୁ ପରେ ଯେତେ ଶୀଘ୍ର ସମ୍ଭବ ରୁଦ୍ଧ କବରରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଏ । ଆହୁରି ମଧ୍ୟ ଏ ଧର୍ମଭାବନାରେ ଶବକୁ ଖୋଲା ଦାହ କରିବା, ମୃତବ୍ୟକ୍ତିର ବ୍ୟକ୍ତିତ୍ୱ ପ୍ରତି ଅସମ୍ମାନ ହୋଇଥିବାରୁ ରୁଦ୍ଧ କବରରେ ଇହୁଦୀ ଧର୍ମାବଲମ୍ବୀମାନେ ଯେତେଶୀଘ୍ର ସମ୍ଭବ ମୃତ ଶରୀରକୁ କବର ଦିଅନ୍ତି, କାରଣ ଏମାନେ ବିଶ୍ୱାସ କରନ୍ତି ଶରୀର ଧୂଳିରେ ନ ମିଶିବା ପର୍ଯ୍ୟନ୍ତ ଆତ୍ମା ଶରୀରରେ ଅବସ୍ଥାନ କରିଥାଏ, ଯାହା ତାହାର

ସ୍ୱର୍ଗଲୋକର ଯାତ୍ରାକୁ ଅବରୋଧ କରିଥାଏ । ଇହୁଦୀମାନେ ମୃତ ଲୋକର ଆତ୍ମା ପାଇଁ 'Rest in peace' ପରିବର୍ତ୍ତେ Bleassed memory ବା Peace be upon him' ସହିତ 'God full of Mercy' ର ପ୍ରାର୍ଥନା କରିଥାନ୍ତି । ଏହି ଧର୍ମ ପୁନର୍ଜନ୍ମ ଓ କର୍ମ ଉପରେ ବିଶ୍ୱାସ କରେ ନାହିଁ; କିନ୍ତୁ ଟୋରା (Torah) ରେ ପ୍ରଦତ୍ତ ଆଜ୍ଞାପାଳନକୁ ଗୁରୁତ୍ୱ ଦିଏ । ଏହି ଧର୍ମର ପ୍ରଣେତା ମୋଶି ୧୨୦ ବର୍ଷ ବଞ୍ଚିଥିବାରୁ ଇହୁଦୀମାନେ ସାନମାନଙ୍କୁ ଆଶୀର୍ବାଦ ଦେବାବେଳେ ୧୨୦ ବର୍ଷ ସୁସ୍ଥ ଜୀବନ କାମନା କରିଥାନ୍ତି । ଏମାନେ ବିଶ୍ୱାସ କରନ୍ତି ଯେ ମଣିଷର ମୃତ୍ୟୁ ଏକ ଅସ୍ଥାୟୀ ଅବସ୍ଥା ଓ ଏହା ମଣିଷ ଜୀବନର ଲକ୍ଷ୍ୟ ନୁହେଁ । କାରଣ ଏହି ଧର୍ମ ମୃତ୍ୟୁପରର ଜୀବନକୁ ବିଶ୍ୱାସ କରେ । ଏହି ଧର୍ମର ମୁଖ୍ୟ ଶିକ୍ଷା ହେଉଛି ଶେମା ଇସ୍ରାଏଲ ଯାହା କହେ, "ହେ ଇସ୍ରାଏଲ ! ତୁମର ଈଶ୍ୱର ଏକ ଏବଂ ସମସ୍ତ ହୃଦୟ, ଆତ୍ମା ଓ ଶକ୍ତି ଦେଇ ତାଙ୍କର ଆରାଧନା କର ।"

ଇହୁଦୀ ଧର୍ମରେ ଖ୍ରୀଷ୍ଟପୂର୍ବ ୩୭୬୧ ବର୍ଷର ସାଲଗଣନା କରାଯାଏ କାରଣ ସେମାନେ ଏହା ସୃଷ୍ଟିର ଆରମ୍ଭ କାଳ ବୋଲି ବିଶ୍ୱାସ କରନ୍ତି । ତେଣୁ ୨୦୨୬ ସାଲ ବା ଖ୍ରୀଷ୍ଟାବ୍ଦ ଇହୁଦୀମାନଙ୍କର ଗଣନାରେ ୫୭୮୭ ସାଲ ଅଟେ । ହିବ୍ରୁ ସେମାନଙ୍କର ଜାତୀୟ ସାହିତ୍ୟ ଅଟେ । ଇହୁଦୀ ମହିଳାଙ୍କଠାରୁ ଜନ୍ମିତ ସନ୍ତାନମାନଙ୍କୁ ଇହୁଦୀ ସମାଜର ସଦସ୍ୟ ଭାବରେ ଗ୍ରହଣ କରାଯାଏ । ଟୋରା (Torah) ବା Old Testament ହେଉଛି ଇହୁଦୀ ଧର୍ମର ଧର୍ମଗ୍ରନ୍ଥ । ଏହା ହିବ୍ରୁ ବାଇବେଲର ପ୍ରଥମ ପାଞ୍ଚଟି ପୁସ୍ତକ । ପ୍ରଥମ ପୁସ୍ତକ - ବେରିଶିତରେ ବିଶ୍ୱର ସୃଷ୍ଟି, ଆବ୍ରାହମ୍, ଇସାକ ଏବଂ ଯାକୁବଙ୍କ କାହାଣୀ ବର୍ଣ୍ଣନା ଥିବାବେଳେ ଦ୍ୱିତୀୟ ପୁସ୍ତକ ଶେମୋତରେ ମୋଶିଙ୍କ ଜୀବନ ଓ ଈଶ୍ୱରଙ୍କ ଆଜ୍ଞାପ୍ରାପ୍ତିର ବର୍ଣ୍ଣନା ଅଛି । ସେହିପରି ତୃତୀୟ ପୁସ୍ତକ ଭାଇକ୍ରାରେ ପୂଜା ସମ୍ବନ୍ଧୀୟ ନିୟମ ଓ ସମାଜନୀତି ବର୍ଣ୍ଣନା ଥିବାବେଳେ ଚତୁର୍ଥ ପୁସ୍ତକ ବେମିଦ୍ୱାର ବା ମୁକ୍ତି ପଥରେ ଇସ୍ରାଏଲମାନଙ୍କର ସିନାଇ ପର୍ବତରୁ ମୋଅବ ସମତଳ ଭୂମି ପର୍ଯ୍ୟନ୍ତ ୪୦ ବର୍ଷର ଯାତ୍ରା ଏବଂ ସେଠାରେ ସେମାନଙ୍କର ଅବିଶ୍ୱାସ ବର୍ଣ୍ଣନା କରାଯାଇଛି । ପଞ୍ଚମ ଓ ଶେଷ ପୁସ୍ତକ ଦେଭାରିମ (ଶବ୍ଦ) ରେ ମୋଶିଙ୍କ ପ୍ରଦତ୍ତ ଶେଷ ଶିକ୍ଷା, ଇସ୍ରାଏଲମାନଙ୍କ ନୀତି ଏବଂ ଯୋଶୁଆଙ୍କ ନେତୃତ୍ୱରେ ସେମାନଙ୍କର କାନନ ପ୍ରବେଶ ବର୍ଣ୍ଣନା କରାଯାଇଛି ।

ଇହୁଦୀ ଧର୍ମର ସୁବର୍ଣ୍ଣ ଶିକ୍ଷା ହେଲା– "ନିଜ ପ୍ରତି ଇଚ୍ଛା କରୁ ନ ଥିବା କୌଣସି କାର୍ଯ୍ୟ ଅନ୍ୟ ପ୍ରତି କର ନାହିଁ ।" ଟୋରାରେ ୬୧୩ଟି ଆଜ୍ଞା ଲିପିବଦ୍ଧ ହେଇଛି, ଯାହା ମଧ୍ୟରେ ୨୪୮ଟି ଆଜ୍ଞା (Does) ପାଳନ କରିବା ପାଇଁ ଶିକ୍ଷା ଦିଆଯାଉଥିବା ବେଳେ ବାକି ୩୬୫ଟି (Don't) ଆଜ୍ଞାକୁ ପାଳନ ନ କରିବାକୁ ଶିକ୍ଷା ଦିଆଯାଏ । ଏହି ଟୋରାରେ ବର୍ଣ୍ଣିତ ଆଜ୍ଞାଗୁଡ଼ିକ ମଧ୍ୟରେ ମୁଖ୍ୟ ଆଜ୍ଞାଗୁଡ଼ିକ ହେଲା– ଏକ ଈଶ୍ୱର, ଯିଏ ବିଶ୍ୱର ସୃଷ୍ଟିକର୍ତ୍ତା ଏବଂ ସମସ୍ତ ନୈତିକ କର୍ତ୍ତବ୍ୟର ଉତ୍ସ ତାଙ୍କ ସମ୍ବନ୍ଧୀୟ ଜ୍ଞାନ ସହିତ ତାଙ୍କୁ ଭଲପାଇବା, ତାଙ୍କ ନାମର ଅପବ୍ୟବହାର ନ କରିବା, ମହାପୁରୁଷମାନଙ୍କ ନୀତିବାଣୀକୁ ତର୍କ ନ କରି ପାଳନ କରିବା, ପଡ଼ୋଶୀ ଓ ନିଜ ଭାଇମାନଙ୍କୁ ହୃଦୟରୁ ଭଲପାଇବା ସହିତ ବିପଦରେ ସାହାଯ୍ୟ କରିବା, ପ୍ରତିଶୋଧପରାୟଣ ନ ହେବା, ଟୋରାରେ ବର୍ଣ୍ଣିତ ନୀତିବାଣୀଗୁଡ଼ିକୁ ପିଲାମାନଙ୍କୁ ଶିକ୍ଷାଦେବା, ପ୍ରତିମା ପୂଜା ନ କରିବା, ଅନ୍ଧବିଶ୍ୱାସୀ ନ ହେବା, ଜ୍ୟୋତିଷଶାସ୍ତ୍ରକୁ ବିଶ୍ୱାସ ନ କରିବା, ମୃତ ଲୋକ ସହିତ Spirit call ମାଧ୍ୟମରେ ସମ୍ବନ୍ଧ ସ୍ଥାପନ ନ କରିବା, ଖାଦ୍ୟଗ୍ରହଣ ପରେ ଈଶ୍ୱରଙ୍କୁ କୃତଜ୍ଞତା ଜଣାଇବା, ଏକପତ୍ନୀବ୍ରତ ପାଳନ କରିବା ସହିତ ଖାଦ୍ୟ, ବସ୍ତ୍ର ଓ ସମ୍ପର୍କରେ ସ୍ତ୍ରୀକୁ ଅବହେଳା ନ କରିବା, ମାଂସ ଓ ଦୁଗ୍ଧ ଏକତ୍ର ରୋଷେଇ କରି ଭକ୍ଷଣ ନ କରିବା, ବାସି ଖାଦ୍ୟ ନ ଖାଇବା, ଗରିବଙ୍କୁ ବିନା ସୁଧରେ ଋଣ ଦେବା ଓ ଅସମର୍ଥ ଋଣୀଠାରୁ ଜୋର୍‌ଜବରଦସ୍ତ ଋଣ ଆଦାୟ ନ କରିବା ଏବଂ ଈଶ୍ୱରଙ୍କ ପାଖରେ ପ୍ରତିଜ୍ଞା ରକ୍ଷା କରିବା ଇତ୍ୟାଦି ଆଜ୍ଞାଗୁଡ଼ିକୁ ସୂଚାରୁରୂପେ ପାଳନ କରିବାକୁ ଶିକ୍ଷା ଦିଆଯାଇଛି । ମୋଟ୍ ଉପରେ କହିବାକୁ ଗଲେ ଏହି ଇହୁଦୀ ଧର୍ମଗ୍ରନ୍ଥରେ ନୈତିକଜୀବନ, ଭଗବାନ, ପ୍ରାର୍ଥନା, ଧ୍ୟାନ, ପ୍ରେମ ଓ ଭ୍ରାତୃତ୍ୱ, ମଣିଷର ଗରିବ, ଭୃତ୍ୟ ଓ କ୍ରୀତଦାସଙ୍କ ପ୍ରତି ବ୍ୟବହାର, ଦାମ୍ପତ୍ୟ ଜୀବନ ଓ ଏକପତ୍ନୀବ୍ରତ ସେବା ଓ ସହାନୁଭୂତି, ବିବାହ, ଛାଡ଼ପତ୍ର ଓ ପରିବାର, ଉତ୍ସବ ପାଳନ, ଖାଦ୍ୟ ଗ୍ରହଣରେ ଶୃଙ୍ଖଳା ଏବଂ ବ୍ୟବସାୟରେ ନୈତିକତା ଓ ସାଧୁତାକୁ ଗୁରୁତ୍ୱ ଦିଆଯାଇଛି, ଯାହା ଶୃଙ୍ଖଳିତ ଜୀବନଯାପନ ପାଇଁ ଇନ୍ଧନ ଯୋଗାଇବା ସହ ବିଶ୍ୱଶାନ୍ତି, ମୈତ୍ରୀ ଓ ସମୃଦ୍ଧି ପାଇଁ ଏକାନ୍ତ ଉପଯୋଗୀ । ବର୍ତ୍ତମାନ ଇସ୍ରାଏଲ ଦେଶର ତିନି-ଚତୁର୍ଥାଂଶ ଲୋକେ ଇହୁଦୀ ଧର୍ମାବଲମ୍ବୀ ଅଟନ୍ତି । ବ୍ୟବସାୟ ବାଣିଜ୍ୟରେ ବିଶ୍ୱର ପ୍ରମୁଖ ଦେଶମାନଙ୍କରେ ଏମାନଙ୍କର ବହୁଳ ଉପସ୍ଥିତି ପରିଲକ୍ଷିତ ହୁଏ । ❖❖❖

# ପୁନର୍ଜନ୍ମ

**ଶୈଳବାଳା ଆଚାର୍ଯ୍ୟ**

ସୃଷ୍ଟିର ନିୟମ ଜାଣିବା ସହଜ କଥା ନୁହେଁ । ମଣିଷ ଜନ୍ମର ଉଦ୍ଦେଶ୍ୟ ଜନ୍ମ ପରେ ଆଉ ଗୋଟିଏ ଜନ୍ମ ବା ପୁନର୍ଜନ୍ମ ନେଇ କାରଣ କ୍ରମବିକାଶ ଯୋଜନାରେ ଅଂଶ ଗ୍ରହଣ କରିବା । କ୍ରମବିକାଶର ଅର୍ଥ ଦିବ୍ୟଜ୍ଞାନ ଲାଭ କରି ପୂର୍ଣ୍ଣତା ପ୍ରାପ୍ତି । ମଣିଷ ଭିନ୍ନଭିନ୍ନ ପରିସ୍ଥିତିରେ, ଅଲଗାଅଲଗା ଦେଶରେ, ଭିନ୍ନ ସମାଜରେ ଓ ଭିନ୍ନ ପରିବାରରେ ବାରମ୍ବାର ଜନ୍ମ ହୋଇଥାଏ, ଯାହାଦ୍ୱାରା ତାର ଜ୍ଞାନର ବିକାଶ ହୋଇଥାଏ ।

ଆଦିବାସୀ ଲୋକମାନେ ବଣ, ଜଙ୍ଗଲ, ପରିବେଶରେ ଜନ୍ମ ହୋଇଥାଆନ୍ତି । ସେଠାରେ ରହିବା ପାଇଁ ବାସଗୃହ ନ ଥାଏ, ଖାଇବା ପାଇଁ ଭଲ ଖାଦ୍ୟ ନ ଥାଏ । ପିଇବା ପାଇଁ ପାଣି, ପିନ୍ଧିବା ପାଇଁ ବସ୍ତ୍ର ନଥାଏ । ପଶୁମାନଙ୍କର ଭୟ ମଧ୍ୟ ରହିଥାଏ । ରାସ୍ତାଘାଟ କି ରୋଗ ହେଲେ ତା' ପ୍ରତିକାର କିଛି ନ ଥାଏ । ସେମାନେ ସେହି ପରିବେଶରେ ନାନାପ୍ରକାର ସଂଘର୍ଷ କରି ନିଜକୁ ଓ ନିଜ ପରିବାରକୁ ରକ୍ଷା କରନ୍ତି । କଠିନ ପରିଶ୍ରମ ଓ ସାହସର ସହିତ ପରିସ୍ଥିତିର ମୁକାବିଲା କରିଥାଆନ୍ତି । ସେହିପରି ବିଷୁବମଣ୍ଡଳୀୟ ଦେଶ କି ମରୁଭୂମିରେ ରହୁଥିବା କିମ୍ବା ମେରୁ ଅଞ୍ଚଳରେ ଶୀତ ଓ ତୁଷାରପାତରେ ମଣିଷ ଅତ୍ୟନ୍ତ କଷ୍ଟକର ଜୀବନ ଯାପନ କରିଥାଆନ୍ତି । ଏପରି ଭିନ୍ନ ଭିନ୍ନ ପରିବେଶରେ ଜନ୍ମଲାଭ କରି ସେ ସ୍ଥାନର ସଂଘର୍ଷ ପୂର୍ଣ୍ଣ ଜୀବନ, ସେ ସ୍ଥାନର ଚାଲିଚଳଣି, ଶିକ୍ଷାଦୀକ୍ଷାକୁ ଗ୍ରହଣ କରିଥାଏ, ଯାହା ତାକୁ ଅନେକ ଅଭିଜ୍ଞତା ଦେଇଥାଏ । ଏପରି ଜୀବନଧାରା ଭିତରେ ସୁଖଦୁଃଖ, ପରିବେଶ ଓ ପରିସ୍ଥିତିରୁ ଅଧିକରୁ ଅଧିକ ଅନୁଭବର ଜ୍ଞାନ ଲାଭ ହୁଏ । ଅନୁଭବର ଜ୍ଞାନରୁ ମଣିଷ ଧୀରେଧୀରେ ନିଜ ବିଷୟରେ ନିଜର କର୍ମ ବିଷୟକୁ ନିଜର ଭାଗ୍ୟ ବିଷୟରେ

ଚିନ୍ତା କରିବାକୁ ଜାଣନ୍ତି । ଚିନ୍ତାଶକ୍ତି ଯୋଗୁଁ ଭଲମନ୍ଦର ବିଚାର ଆସେ, କର୍ମ ତତ୍ପରତା ବୃଦ୍ଧି ହୁଏ ।

ମଣିଷର କାର୍ଯ୍ୟଦକ୍ଷତାଦ୍ୱାରା କ୍ରମବିକାଶର ଅଗ୍ରଗତି ହୋଇଥାଏ । କିଏ ଚାଷ କାମ କରନ୍ତି, କିଏ ସେବା କାର୍ଯ୍ୟ କରନ୍ତି, କିଏ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରନ୍ତି । କଳା, ସଂସ୍କୃତି, ପ୍ରତ୍ୟେକ କାର୍ଯ୍ୟର ଅଭିଜ୍ଞତା ଲାଭ କରିବା ପାଇଁ ଏସବୁ ଗୁଣଗୁଡ଼ିକ ପୂର୍ଣ୍ଣ ବିକାଶ ଲାଭ କରିବା ଦରକାର । ତେଣୁ କର୍ମଦେବତା ବ୍ୟକ୍ତିକୁ ଉପଯୁକ୍ତ ସ୍ଥାନ ଓ ପରିବେଶରେ ଜନ୍ମ ଦିଅନ୍ତି । ଯେଉଁଠାରେ ଆମ ସହିତ ଥିବା ଦୋଷଦୁର୍ବଳତା ଦୂର ହେବ ଓ ଆମ ଭିତରେ ଲୁଚି ରହିଥିବା ଭଲଗୁଣ, ସାହସ ଓ ଶକ୍ତିର ଜାଗରଣ ହୋଇପାରିବ ।

ଈଶ୍ୱରଙ୍କର କ୍ରମବିକାଶ ଯୋଜନା, କର୍ମର ନିୟମ ଅନୁଯାୟୀ ବେଳେବେଳେ ସୀମିତ ହୋଇଯାଏ । ଆଉକିଛି କର୍ମଯୋଗୁଁ ମଣିଷର ପରବର୍ତ୍ତୀ ଜୀବନ ଧୀର ହୋଇଥାଏ । ମନ୍ଦକର୍ମର କର୍ମଫଳ ଯୋଗୁଁ, କିଏ କଠିନ ବ୍ୟାଧିଗ୍ରସ୍ତ ହୋଇଥାଏ, କିଏ ବୁଦ୍ଧିହୀନ ହୋଇ ଜନ୍ମ ହୋଇଥାଏ । ଆଉ କାହାକୁ ଅତ୍ୟନ୍ତ ଦରିଦ୍ର ପରିବାରରେ ଜନ୍ମ ନେବାକୁ ପଡ଼ିଥାଏ । ଅତୀତର ଘୋର ମନ୍ଦ କର୍ମ କାରଣରୁ କଠିନ ପରିସ୍ଥିତିରେ ମନୁଷ୍ୟ ନିଜର ଗୁଣ, ଦକ୍ଷତା ଓ କୃତିତ୍ୱ ଲାଭ କରିବାର ସୁଯୋଗ କମିଯାଏ । ବିକାଶ ବିଳମ୍ବ ହୋଇଥାଏ । ଏପରି ଦୁଃଖଦୁର୍ଦ୍ଦଶାରେ ଥାଇ ମଣିଷକୁ ଯେତିକି ସୁବିଧା ଓ ସୁଯୋଗ ମିଳେ, ସେ ପରିସ୍ଥିତିର ସମ୍ମୁଖୀନ ହୋଇ ଧୈର୍ଯ୍ୟ ଧରି, ଯେତିକି ଭଲ ଓ ମନ୍ଦ କର୍ମ କରିଥାଆନ୍ତି, ତାଙ୍କର କର୍ମଫଳ ପରବର୍ତ୍ତୀ ଜୀବନର ଗତି ନିର୍ଦ୍ଧାରଣ କରିଥାଏ । ଏହା ଦ୍ୱିତୀୟ କାରଣ । ପୂର୍ବଜନ୍ମରେ କରିଥିବା ଭଲ ଓ ମନ୍ଦ କର୍ମର କାରଣରୁ, ସେ ସେହି କର୍ମର ଫଳ ସୁଖଦୁଃଖ ଭାବରେ ଏହି ଜନ୍ମରେ ଭୋଗ କରିଥାଏ । ଏହି ଜନ୍ମରେ ଯାହାସବୁ କର୍ମ କରନ୍ତି, ସେ କର୍ମର ଫଳ ତାଙ୍କର ଆଗାମୀ ଜନ୍ମକୁ ନିର୍ଦ୍ଧାରଣ କରିଥାଏ ।

ଏବେ ତୃତୀୟ କାରଣଟି ଜାଣିବା । ତୃତୀୟ କାରଣଟି କ୍ରମବିକାଶକୁ ଆହୁରି ଅଧିକ ଭାବରେ ସୀମିତ କରିଥାଏ । ଏହା ହେଉଛି ଅନ୍ୟ ମନୁଷ୍ୟମାନଙ୍କ ସହିତ କର୍ମବନ୍ଧନ । ମନୁଷ୍ୟ ଏକ ପରିବାର ମଧ୍ୟରେ କାମ କରେ । ନିଜ ପରିବାର,

ସାଇପଡ଼ିଶା, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଇତ୍ୟାଦି ଅନେକ ଲୋକଙ୍କ ସହିତ, ନାନାପ୍ରକାରର ସମ୍ପର୍କ ରହିଥାଏ । ସେ କାହାକୁ ଭଲପାଏ, କାହାକୁ ଘୃଣା କରେ, କାହାର ଦାୟିତ୍ୱ ନିଏ, କିଛି ଉପକାର କରେ ଓ କାହାର କିଛି ଅନିଷ୍ଟ କରିଥାଏ । ଅନ୍ୟମାନଙ୍କ ପାଇଁ କିଛି ଭଲ କାର୍ଯ୍ୟ ଓ କିଛି ମନ୍ଦ କାର୍ଯ୍ୟ କରିଥାଏ । ଏହି ହେତୁ ସେହି ଲୋକମାନଙ୍କ ସହିତ କର୍ମବନ୍ଧନ କହିଥାଏ । କିଛି ଲୋକଙ୍କ ସହିତ ନିବିଡ଼ ସମ୍ପର୍କ ଗଢ଼େ । କାହା ପାଇଁ ସ୍ନେହ, ପ୍ରେମ ଓ ତାଙ୍କର ଅନେକ ଉପକାର କରିଥାଏ । ପରବର୍ତ୍ତୀ ଜନ୍ମ ତାଙ୍କ ନିକଟରୁ ସେହିପରି ଉପକାର ମିଳିଥାଏ । ଯେଉଁମାନଙ୍କ ସହିତ ଶତ୍ରୁତା ବା ତିକ୍ତ ସମ୍ପର୍କ ପୂର୍ବଜନ୍ମରେ ଥିଲା, ତାଙ୍କଠାରୁ ଏହି ଜନ୍ମରେ ସେପରି ଫଳର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏପରି କର୍ମବନ୍ଧନ କାରଣରୁ ବାରମ୍ବାର ଜନ୍ମ ନେବାକୁ ପଡ଼ିଥାଏ, ଯାହା ଯୋଗୁଁ ମଣିଷର ବିକାଶ ବିଳମ୍ବ ହୋଇଥାଏ ।

ଏହିସବୁ ପ୍ରତିବନ୍ଧକ ଥିଲେ ମଧ୍ୟ ମନୁଷ୍ୟ ନିଶ୍ଚିତ ଭାବରେ କ୍ରମବିକାଶ ପଥରେ ଅଗ୍ରଗତି କରିବ । ଆତ୍ମାର ଦୀର୍ଘ ଯାତ୍ରାପଥରେ ଅନେକ ବାଧା ଓ ବନ୍ଧନ ଥିଲେ ମଧ୍ୟ, ବାରମ୍ବାର ଜନ୍ମ ନେବା ଦ୍ୱାରା ମନୁଷ୍ୟ ଆଧ୍ୟାତ୍ମିକ ଶିକ୍ଷା ଲାଭ କରିବ ତା'ର ଜ୍ଞାନର ବିକାଶ ହେବ ଏବଂ ପୂର୍ଣ୍ଣତା ପ୍ରାପ୍ତ ହେବ ।

ସିଦ୍ଧାର୍ଥ ଲଜ୍

ମୋ: ୯୨୩୭୨୧୮୦୩୩

❖❖❖

# ଅନୁଭୂତି

**କସ୍ତୁରୀ ମହାନ୍ତି**

୨୦୦୩ ମସିହାର କଥା । ମାସ କି ତାରିଖ ମନେପଡୁନି । ବ୍ରହ୍ମବିଦ୍ୟାଜ୍ଞାନ ମତେ କିପରି ଆକୃଷ୍ଟ କରିଥିଲା ମୁଁ ଲେଖୁଛି । ସେ ଜ୍ଞାନ ବିଷୟରେ ଟିକେ ବି ଧାରଣା ମୋର ନ ଥିଲା । ମୋ ଅନୁଭୂତି ଲେଖୁଛି । ମିତାଲିନୀ (ଇନା) ମୋର ଭାଣିଜୀ । ସେ ସମୟରେ ମୋ ସାନଝିଅ ଭୁବନେଶ୍ୱରରେ ଚାକିରି କରୁଥାଏ । ମୋ ଝିଅ ଶୁଭ୍ରଲୀନା (ଲିଟିଲ୍) ତାଙ୍କ ଘରେ ରହୁଥାଏ । ସେଠାରେ ରହି ସେ ବ୍ରହ୍ମବିଦ୍ୟା ମେମ୍ବର ହୋଇଥିଲା ବୋଲି ପରେ ଜାଣିପାରିଲି । ଥରେ ଇନା ଓ ବୁଢ଼ା (ପ୍ରଦୀପ ମହାପାତ୍ର) ଆମ ଘର ପୁରୀରେ ଆସି ପହଞ୍ଚି କହିଲେ ବ୍ରହ୍ମବିଦ୍ୟା ପୁସ୍ତକ ମେଳା ଏଠି ଜିଲ୍ଲା ସ୍କୁଲ ପାଖରେ ପଡ଼ିଛି ଏବଂ ଅନ୍ୟାନ୍ୟ ପୁସ୍ତକ ମଧ୍ୟ ମେଳାରେ ମିଳିବ। ଯିବେ ବୁଲି ଆସିବେ । ମୋ ବଡ଼ଝିଅ ଗୁଡ୍‌ଲୀ ସହ ଯାଇଥିଲି । କିଛି ପୁସ୍ତକ ଆଣିଛି କି ନାହିଁ ଯଦିଓ ମନେପଡୁନି, କିନ୍ତୁ ଭଲ ଲାଗିଲା ସେଠି ବୁଲାବୁଲି କରି ।

ପ୍ରାୟ ୭୯/୮୦ ମସିହାରେ ମୋ ବଡ଼ଭାଇ ଭବାନୀ ଶଙ୍କର ମହାନ୍ତି ଆମ ଦୁଇଜଣଙ୍କୁ ବ୍ରହ୍ମବିଦ୍ୟା ସମିତିର ମେମ୍ବର କରିଥିଲେ । ସେ ସମୟରେ ମୋ ଛୁଆମାନେ ଖୁବ୍ ଛୋଟ । ତେଣୁ ଏତେଟା ଗୁରୁତ୍ୱ ତା' ଉପରେ ଦେଇ ନ ଥିଲି । ଏବେ ଭାବୁଛି ସବୁ । ଭାଇଙ୍କ ସହ ଆଗରୁ କେତେଥର ମିଟିଂକୁ ଯାଇଥିଲି ହେଲେ କିଛି ଜାଣିପାରୁ ନ ଥିଲି । ସେ ଯାହାହେଉ ସମୟ ମତେ ସୁଯୋଗ ଦେଲା ଏଥିରେ ମିଶିବାକୁ । ଦିନେ ଇନା ଫୋନ୍‌କରି କହିଲେ– "ମାଇଁ, ତୁମେ ୭ ଜଣଙ୍କୁ ଠିକ୍ କରିଥିବ କାରଣ ପୁରୀରେ ତୁମ ଘରେ ଗୋଟିଏ ଲଜ୍ ଖୋଲା ହେବ । ଅତିକମ୍‌ରେ ୭ ଜଣ ଦରକାର ମେମ୍ବର ହେବାକୁ । ପୁସ୍ତକ ମେଳା ଯିବାକୁ କହି ସେ କିଛି ବ୍ରହ୍ମବିଦ୍ୟା ପୁସ୍ତକ ମତେ ମଧ୍ୟ ଦେଇଥିଲେ । ତାକୁ ଟିକେ ଟିକେ ପଢ଼ିଥାଏ । ସେମାନେ ସବୁ ଆସିବେ । ଲଜ୍ ଖୋଲା ହେବ । ମତେ ଖୁସି ବି ଲାଗୁଥାଏ । ସେ

କହିଥିଲେ– "ଆମେ ଦୁଇଜଣ, ଶାଶୁ-ଶ୍ୱଶୁର (ପ୍ରହ୍ଲାଦ ମହାପାତ୍ର ଓ ଦେବକୀ ମଞ୍ଜରୀ ମହାପାତ୍ର), ଲିଟିଲ୍ ଓ ପିଲାମାନେ ମିଶି ଯିବୁ ।"

କ'ଣ ଗୋଟିଏ ନୂଆ କଥା ଜାଣିବା ପାଇଁ ଉତ୍ସାହ ଲାଗୁଥାଏ । ଦିନ ୨/୩ଟା ଭିତରେ ସବୁ ଆସି ପହଞ୍ଚିଲେ । ମୁଁ ମଧ୍ୟ ମୋ ଭାଣିଜୀ, ଝିଆରୀ, ଚିହ୍ନା ପରିଚିତ କେତେଜଣଙ୍କୁ କହିଥିଲି । ସମସ୍ତେ ଆସିଲେ । ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା ହୋଇଥିଲା । ସମସ୍ତଙ୍କ ମନରେ ଆଗ୍ରହ, ଉତ୍ସାହ ବି ରହିଥାଏ । ଗୋଟିଏ ରୁମ୍‌ରେ ସମସ୍ତେ ବସି ଏ ବିଷୟରେ ଆଲୋଚନା ହେଲା । ପ୍ରହ୍ଲାଦ ବାବୁ କେତେ ଶାନ୍ତ, ଉଦାର ମଣିଷ । ଆମକୁ ବହୁ ବିଷୟ ବୁଝାଇଶୁଝାଇ କହିଲେ– ପୁସ୍ତକ ପଢ଼ିବ, ମନଧ୍ୟାନ ଲଗେଇ ଆଉ ଯାହା ଶିଖିବ ତାହା ନିଜ ଜୀବନରେ ପ୍ରତିଫଳିତ କରିବାକୁ ଅଭ୍ୟାସ କରିବ । ସପ୍ତାହକୁ ଥରେ ସମୟ ବାହାର କରି ନିଜ ଭିତରେ ଆଲୋଚନା କରି ବୁଝିବ । ଏହାଛଡ଼ା ପ୍ରତିଦିନ ଅତି କମ୍‌ରେ ବ୍ରାହ୍ମମୁହୂର୍ତ୍ତରୁ ଉଠି ଗୋଟିଏ ସମୟରେ ୧୫ ମିନିଟ୍ ପାଇଁ ନୀରବରେ ବସି ଧ୍ୟାନ କରିବ । ଆମେସବୁ ଖୁସି ଥିଲୁ । ଗୋଟିଏ ଖାତାରେ ସମସ୍ତଙ୍କ ନାମ ଲେଖା ହେଲା । ପ୍ରେସିଡେଣ୍ଟ, ସେକ୍ରେଟାରୀ ବଛା ହେଲେ । ମିଟିଂ ତାରିଖ ଲେଖି ପ୍ରତି ସପ୍ତାହରେ ଶନିବାର ଦିନ ଲଜ୍ ମିଟିଂ ଆରମ୍ଭ ହେଲା । ପ୍ରଥମେ ସାମୂହିକ ପ୍ରାର୍ଥନା କରି ପୁସ୍ତକ ପଢ଼ିବାକୁ ହେବ ବୋଲି ବୁଝାଇ ଦିଆଗଲା । ଆମ ଭିତରେ ଉତ୍ସାହ ବଢ଼ିବାକୁ ଲାଗିଲା । ପାଖପଡ଼ିଶାମାନେ ଆସି ଶୁଣିଲେ ଓ ଖୁସି ହେଲେ । ଯେତେବେଳେ ଆମେ ପୁରୀ ଛାଡ଼ିବା କଥା ଶୁଣିଲେ ବହୁତ ମନକଷ୍ଟ କଲେ । ସେମାନେ ମଧ୍ୟ କିଛି ବହି ନେଇ ପଢୁଥିଲେ । ଆମ ନିଜନିଜ ଭିତରେ ବହୁ ଆଲୋଚନା ହୁଏ । ଇନା ଓ ବୁଢ଼ା ମଝିରେମଝିରେ ଆସନ୍ତି । ଆଉ କିଛି ନୂଆ ପ୍ରକାର ବିଷୟ ବୁଝାଇ କୁହନ୍ତି ।

ପୁରୀ ଲଜ୍‌କୁ ଜଗନ୍ନାଥ ଲଜ୍ ନାରେ ନାମିତ କରାଗଲା । ପ୍ରଭୁ ଜଗନ୍ନାଥ ଆମର ଆରାଧ୍ୟ ଦେବତା । ବହୁତ ଖୁସିର କଥା ଯେ ତ୍ୟାଗୀ ସାର୍ ଅନେକଥର ଆମ ଘରକୁ ଆସିଛନ୍ତି ଇନା ବୁଢ଼ାଙ୍କ ସହିତ । ଆମେସବୁ ତ ଅଜ୍ଞାନ । ସାର୍, ଆମେ ବୁଝିଲା ପରି ପ୍ରବଚନ ଦିଅନ୍ତି । ସେ ଆସିଲେ ଆମ ଘରର ବାତାବରଣ ଅଲଗା ପ୍ରକାର ଲାଗେ । ଇନାଙ୍କ ସହିତ ଅନେକ ଜଣ ମଧ୍ୟ ଆସିଛନ୍ତି ଆମ

ଘରକୁ । ଯେତେବେଳେ ପ୍ରଫେସର ଚିନ୍ତାମଣି ମହାପାତ୍ର ପୁରୀରେ ରହୁଥିଲେ ସେ ପ୍ରଥମେ ଆସିଥିଲେ । ପେଡ୍ରୋ, ଲିଣ୍ଡା, ତାଂପି ସାର୍ ଓ ତାଙ୍କ ସହଧର୍ମିଣୀ, ଏମ୍. ଗୁପ୍ତା, ଗୁଜୁରାଟର ବର୍ଷା ପଟେଲ, ସିନ୍ଧେ ସାର୍, ଏହିପରି ଅନ୍ୟମାନଙ୍କ ନାଁ ମନେପଡୁନି । ସ୍ନେହଲତା ମହାପାତ୍ର ମଧ୍ୟ ଆସି ଆମକୁ କେଡ଼େ ସୁନ୍ଦର ଭଲକଥା ବୁଝାଇ କହିଛନ୍ତି । ଏତେ ନିଃସ୍ୱାର୍ଥପର ମହିଳା, ତାଙ୍କୁ ବହୁତ ଭଲ ଲାଗେ । ତ୍ୟାଗୀ ସାର୍‌ଙ୍କଠାରୁ ଆମେ ସବୁ ଡିପ୍ଲୋମା ସାର୍ଟିଫିକେଟ୍ ପାଇଛୁ । ସାର୍ ଆସି ରହିଛନ୍ତି ଆମ ଘରେ । ମୁଁ ମନେମନେ ଭାବୁଥିଲି, ସେ ବୋଧେ ମନ୍ଦିର ଯିବେନି । କିନ୍ତୁ ସେ ଗଲେ ଓ ତଳେ ବସି ମଧ୍ୟ ପ୍ରସାଦ ପାଇଲେ । ସାର୍ ଆସିଲେ ଯେତେ ଖୁସି ଲାଗେ, ଗଲାବେଳେ ବହୁତ୍ ଦୁଃଖ ଲାଗେ । ତାଙ୍କଠାରୁ କେତେ ପ୍ରେରଣା ଆମେ ପାଇଛୁ । ସତ କହିବାକୁ ଗଲେ ବ୍ରହ୍ମବିଦ୍ୟା ଜ୍ଞାନ ଆଲୋଚନା ଯେଉଁ ସ୍ଥାନରେ ହୁଏ, ସେ ଜାଗାର ବାତାବରଣରେ ଶାନ୍ତି ଓ ପବିତ୍ରତା ଅନୁଭବ ହୁଏ ।

କେତେଥର ଇନା କହୁଥିଲେ ଗୌତମ ନଗର ମିଟିଂରେ ଯୋଗ ଦେବାକୁ । କିନ୍ତୁ ଆମେ କେହି ଯାଇ ନଥିଲୁ । ମୋର ଯିବା ପାଇଁ ଇଚ୍ଛାଥିଲେ ବି ଯାଇ ନ ଥିଲି ଅସୁବିଧାବଶତଃ । ଏହାପରେ ମୋ ଝିଅ-ପୁଅଙ୍କର ବିଭାଘର ହେଲା । ସାନପୁଅ ଗୌତମ ଦିଲ୍ଲୀରେ ରହୁଥାଏ । ଆମେ ଦୁଇଜଣ ଏକା ଥାଉ । ଶନିବାର ମିଟିଂ ଆଦୌ ବନ୍ଦ ହୋଇନି । ମନ ଭିତରେ ଥାଏ ଗୌତମ ନଗର ଯାଇ ଦେଖିବାକୁ । ଭାଗ୍ୟକୁ ଆମେ ପୁରୀ ଛାଡ଼ିଲୁ ଓ ଭୁବନେଶ୍ୱରରେ ବଡ଼ପୁଅ ପାଖରେ ରହିଲୁ । ମତେ ଆହୁରି ଖୁସି ଲାଗିଲା । ଖୋଜିବା ଜିନିଷ ପାଇଗଲି । ଆମେ ଦୁଇଜଣ ଗଲୁ । ସେଠାରେ ବସି ଆଲୋଚନା ଶୁଣୁ । ଅନେକ ବିଷୟ ଧୀରେଧୀରେ ମୁଁ ବୁଝିବାକୁ ଲାଗିଲି । ସମସ୍ତଙ୍କ ସହିତ ମିଶିବାକୁ ସୁଯୋଗ ମିଳିଲା । ଏହାପରେ ଚେନ୍ନାଇ ବିଷୟରେ ଆଗରୁ ଅନେକ କିଛି ଶୁଣିଥାଏ । ଯିବା ପାଇଁ ଇଚ୍ଛା ହେବା ସ୍ୱାଭାବିକ । ପ୍ରଥମେ ଥରେ ଟିକେଟ କଲୁ; କିନ୍ତୁ ମିଳିଲାନି । ତା' ପରବର୍ଷଠାରୁ କେତେଥର ଯିବାକୁ ପଡ଼ିଲା । ମନ ଆନନ୍ଦରେ ଗଲୁ । ଟିକେଟ୍ ହେବା ମାତ୍ରେ ମନରେ ଆନନ୍ଦ ଆରମ୍ଭ ହୁଏ । ପହଞ୍ଚିଗଲେ ମତେ ଲାଗେ ନୂଆ ଦୁନିଆରେ ମୁଁ ଅଛି । ଘର କଥା ସବୁକିଛି ଭୁଲିଯାଏ । ଅନେକ ଆଡ଼େ ବୁଲିଛି; କିନ୍ତୁ ଆଡ୍ୟାର ଚମକ କୋଉଠି ନାହିଁ । ପ୍ରଥମ ଯିବାର ଅନୁଭବ ଟିକେ ନିଆରା । କୋଉଠୁ ଆସି

କୋଉଠି ଅଛି ନିଜକୁ ଭୁଲି ହେଇଯିବ । ଇଚ୍ଛା ହୁଏ ଏଇଠି ସବୁଦିନ ପାଇଁ ରହିଯାନ୍ତି କି ? ଅଡ୍ୟାର ସ୍ପର୍ଶ ଯିଏ ଥରେ ପାଇବ ସେ କଦାପି ସାରାଜୀବନ ଭୁଲି ପାରିବନି । ଆଜି ମୁଁ ଯେପରି ଖୁସି ହେଉଛି ଓ ଯାହା ଅନୁଭବ କରୁଛି ସେଥିପାଇଁ ଇନା ବୁଢ଼ାଙ୍କ ପାଖରେ ମୁଁ କୃତଜ୍ଞ । ଗେଟ୍ ଭିତରେ ପଶିଲା ବେଳେ ମୋ ଭିତରେ ଏକପ୍ରକାର ରୋମାଞ୍ଚ ଶିହରଣ ଖେଳିଗଲା । ଯେତେ ଆଗକୁ ଯାଉଥାଏ, ମଧୁରମଧୁର ଅନୁଭବ ବଢ଼ିଯାଉଥାଏ, ମୁଁ ବର୍ଣ୍ଣନା କରିପାରୁନି । ଲମ୍ବା ରାସ୍ତାର ଦୁଇପାର୍ଶ୍ୱର ଦୃଶ୍ୟ ଅତି ମନୋହର । ରହିବାର ବ୍ୟବସ୍ଥା ସବୁ ଶୃଙ୍ଖଳିତ । ସବୁ ସୁବିଧା ମିଳୁଥାଏ । ଭୋଜନଶାଳାର ପରିବେଷଣକାରୀମାନଙ୍କୁ ବୃହତ୍ ଧନ୍ୟବାଦ୍ । ସୁସ୍ୱାଦୁ ଖାଦ୍ୟପାନୀୟ ସହିତ ସେମାନଙ୍କର ଉତ୍ତମ ବ୍ୟବହାର ଖୁବ୍ ଭଲ ଲାଗିଲା । ପ୍ରତ୍ୟେକ ସ୍ଥାନରୁ ଆସିଥିବା ଆଗନ୍ତୁକମାନଙ୍କ ସହିତ ମଧୁର ଆଳାପ ଆଲୋଚନା, ରୁଟିନ୍ ଅନୁଯାୟୀ ମିଟିଂରେ ଯୋଗଦାନ, ପ୍ରତିଦିନ ଭାରତ ସମାଜ ପୂଜା, ଈଶ୍ୱର ଆରାଧନା ମନରେ କି ଶାନ୍ତି ଭରିଦିଏ । ବିଶେଷକରି ହନୁମାନ ମନ୍ଦିର ମତେ ଖୁବ୍ ଭଲ ଲାଗିଲା । ସେଠାରେ ଲାଇବ୍ରେରୀ ଯାଇ କିଛି ପୁସ୍ତକ ଆଣିଥିଲି । ବିରାଟ ଲାଇବ୍ରେରୀଟିଏ । ବେସାନ୍ତ ସ୍କୁଲ ଗଲୁ । ସବୁ ଧର୍ମର ମନ୍ଦିର ବୁଲାବୁଲି କରି ଦେଖିଲୁ । ବିଶେଷତଃ କେଉଁ କେତେକାଳର ପୁରୁଣା ବରଗଛଟିଏ ଦେଖିବାକୁ ମିଳିଲା । ଏବେବି ସେମିତି ରହିଛି । ଆହୁରି ମଧ୍ୟ ପୁରୁଣା ବୃକ୍ଷଲତାମାନ ଅଛି । ପ୍ରଚୁର ନଡ଼ିଆ ବୃକ୍ଷ । ଯେତେବେଳେ ସେଠାରେ ପ୍ରୋଗ୍ରାମ୍ ହୁଏ, କର୍ମଚାରୀମାନେ ଆସି ସେ ଜାଗାଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରିଥାନ୍ତି । ଗାଧୋଇବାକୁ ଗରମ ପାଣିର ବନ୍ଦୋବସ୍ତ କରିଦିଅନ୍ତି ଯଦିଓ ସେଠାରେ ଶୀତ ବିଶେଷ ଜଣାପଡୁ ନଥାଏ । ବନ୍ଧୁମିଳନ ସମୟରେ ରାଧା ବର୍ଣ୍ଣିୟରଙ୍କୁ ଦେଖିବାର ସୁଯୋଗ ପାଇଲି । ସେ କିଛିକ୍ଷଣ ମତେ ଚାହିଁଲେ । ମତେ ଅପ୍ରସ୍ତୁତ ମନେହେଲା । କେତେ ପ୍ରଚଣ୍ଡ ଶକ୍ତିର ଅଧିକାରୀ ସେ, ମୁଁ ମନେମନେ ଭାବୁଥାଏ । ଏ ବିରାଟ ସଂସ୍ଥା ପରିଚାଳନା କରିଥାନ୍ତି । ଆଡ୍ୟାର, ନଦୀ ଓ ସମୁଦ୍ରର ମିଳନ ସ୍ଥଳ ନିକଟରେ ଅବସ୍ଥିତ । ବିଦେଶୀମାନେ ମଧ୍ୟ ଆସିଥାନ୍ତି । ଏ ମାଟିରେ କ'ଣ ଅଛି ଯେ କୀଟପତଙ୍ଗ, ସରୀସୃପ, ବିଭିନ୍ନ ପ୍ରାଣୀ, ମନୁଷ୍ୟମାନଙ୍କୁ ନେଇ ପରସ୍ପର ସ୍ନେହ, ମୈତ୍ରୀ, ଏକତ୍ୱ ପ୍ରେମ ଭାବନାରେ ରହିଥାନ୍ତି । ଏହାସବୁ ଧର୍ମର କେନ୍ଦ୍ରସ୍ଥଳୀ ଅଟେ ।

ଏହାପରେ ବନାରସ ଯିବାର ସୁଯୋଗ ମିଳିଲା । ଏହା ଭାରତୀୟ ଶାଖାର ପୁରୁଣା ଅନୁଷ୍ଠାନ । ନିକଟରେ ଗଙ୍ଗାନଦୀ ଓ କାଶୀ ବିଶ୍ୱନାଥ ମନ୍ଦିର ରହିଛି । ଆମେ ଏକାଠି ଭୁବନେଶ୍ୱରରୁ ମିଶି ଯାଉ ଟ୍ରେନ୍‌ରେ । ନୂଆ ନୂଆ ଲାଗୁଥାଏ । ପହଞ୍ଚିଲା ପରେ ଆମ ସମସ୍ତଙ୍କୁ ରହିବା ଘରର ଚାବି ଦିଆଗଲା । ନିତ୍ୟକର୍ମ ସାରି ଟିକେ ବୁଲାବୁଲି କଲୁ । ଆଡ୍ୟାରରେ ଭୋଜନଶାଳାର ଦାୟିତ୍ୱ କର୍ଣ୍ଣାଟକବାଲା ବୁଝିଥାନ୍ତି । ଏଠାରେ କିନ୍ତୁ ଜଣେ ବୁଝିଥାନ୍ତି, ତାଙ୍କୁ ସବୁ ଯୋଗାଇ ଦିଆଯାଏ । ତାଙ୍କର ସାହାଯ୍ୟକାରୀ ମାନେ ଥିଲେ । ଆମେ କେତେଜଣ ମଧ୍ୟ ତାଙ୍କ ସହ ମିଶି ଆନନ୍ଦ ପାଉ । ପ୍ରଦୀପ ମହାପାତ୍ର ବନାରସ ଦାୟିତ୍ୱରେ ଥିଲା ବେଳେ ତାଙ୍କୁ ଘର ଗୋଟିଏ ମିଳିଲା । ସେଠାକୁ ଯାଇଥିଲୁ । ଇନା ବି ରହୁଥିଲେ । ସେଠାରେ ମଧ୍ୟ ଆମର ଆସର ଜମେ । ସେ ତ ଖୁଆଇବାରେ ଧୂରନ୍ଧର । ବନାରସ ମିଟିଂ ବହୁତ ଭଲ ଲାଗେ । ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ । ଛୋଟଛୋଟ ପିଲା ସୁନ୍ଦରଭାବରେ ପରିବେଷଣ କରିଥାନ୍ତି । ପ୍ରତିଦିନ ଭାରତ ସମାଜ ପୂଜା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଉ । ବହୁ ବୃକ୍ଷଲତା, ଫୁଲବଗିଚା ଯିବା ରାସ୍ତାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥାନ୍ତି । ଏଠାରେ ମଧ୍ୟ ହନୁମାନଙ୍କ ମନ୍ଦିରଟିଏ ଅଛି । ଗୋଟିଏ ଦିନ ମଧ୍ୟ ବନ୍ଧୁମିଳନ ହୁଏ । ଚା' ପାନୀୟ, ଜଳଖିଆ ବ୍ୟବସ୍ଥା ହୋଇଥାଏ । ବନାରସରେ ପିଲାମାନେ ହଷ୍ଟେଲରେ ରହି ପଢ଼ିବାର ସୁବିଧା ଅଛି । ହଷ୍ଟେଲ ତରଫରୁ ଗୋଟିଏ ଦିନ ଆମ ସମସ୍ତଙ୍କୁ ସୁସ୍ୱାଦୁ ଖାଦ୍ୟ କେତେ ପ୍ରକାର ମିଳିଥାଏ । ଧାର୍ମିକ ଅନୁଷ୍ଠାନ ପିଲାମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ । ଏବେ ଭାରତ ସମାଜ ପୂଜା ପାଇଁ ନୂଆ ମନ୍ଦିର ନିର୍ମାଣ ହୋଇଛି । ପୂର୍ବ ଅପେକ୍ଷା ଅନେକ ପରିବର୍ତ୍ତନ ମଧ୍ୟ ହୋଇଛି । ଗଙ୍ଗାନଦୀ କୂଳ ବୁଲାବୁଲି କରି ଡଙ୍ଗାରେ ବୁଲିବାକୁ ଭାରି ମଜା ଲାଗେ। ଗୋଟିଏ କଥା ଲେଖୁଛି । ଥରେ ବନାରସରେ ଭୋଜନ ସମୟରେ ଲିଟିଲ୍ ଝିଅ ପ୍ରାନ୍‌ସୀ ମୋ ସହିତ ଥିଲା । ଦୁଃଖର କଥା ମୁଁ ବେଞ୍ଚରେ ବସିଲାବେଳେ ସେ ମଧ୍ୟ ମୋ ସହ ତଳେ ପଡ଼ିଗଲା । ପୁଣି ତା'ର ଗୋଡ଼ ଭିତରକୁ ରହିଯାଇଥିଲା । ଅନେକ ସମୟରେ ମୋ ଅସାବଧାନତା ମୁଁ ମନେପକାଏ । ଭାଇ ସୁଧାଂଶୁ ଶେଖର ପତି ଆସି ତାକୁ ଆଶ୍ୱାସନା ସହ ଔଷଧ ଦେଇ ଭଲ କରିଦେଲେ । କେତେ କଷ୍ଟ ସେ ପାଇଲା ମୋ ଯୋଗୁ । ପ୍ରାନ୍‌ସୀକୁ ସେ ବହୁତ ଭଲପାଆନ୍ତି । କ୍ଷତ୍ରୀ ସାର୍‌ଙ୍କର

ଗଜାମୁଗ, ବୁଟ ସେଥିରେ ଅନ୍ୟାନ୍ୟ ସବୁ ପଡ଼ିଥାଏ ତାହା ଭୁଲିବାର ନୁହେଁ । ପ୍ରତିଦିନ ସେ ଆମକୁ ଭୋଜନରେ ଯୋଗାଇ ଦିଅନ୍ତି । ଏସବୁ ଜାଗାମାନଙ୍କରେ ଘରଦ୍ୱାର ଛାଡ଼ି ଏକାଠି ରହିବାର ଆନନ୍ଦ, ତା'ପରେ ପୁଣି ନିଜନିଜ ଘରୁ ଆଣିଥିବା କେତେପ୍ରକାର ପିଠା, ମିଠା ଇତ୍ୟାଦି ଖାଇବାର ମଜା କୋଉଠୁ ମିଳିବ ଲାଗେ ଯେପରି ଅମେ ଗୋଟିଏ ପରିବାରର ।

ଏ ପ୍ରକାର ସ୍ଥାନ ସବୁ ଯେତିକି ଆନନ୍ଦ ଦିଏ ସେତିକି ଶିକ୍ଷଣୀୟ ମଧ୍ୟ । ମନ ଭିତରେ ତାର ପ୍ରଭାବ ଆଜିଯାଏ ରହିଛି ଯଦିଓ ମୁଁ ଯାଇପାରୁନି ଅସୁସ୍ଥତା ଯୋଗୁ । ବୁଲିବାକୁ ମୁଁ ଭଲପାଏ । ପବିତ୍ର ଶୃଙ୍ଖଳିତ ଜୀବନ ହୃଦୟକୁ ଶାନ୍ତି ଦିଏ । ଧାର୍ମିକ ଅନୁଷ୍ଠାନମାନ ମୋ ଭାଗ୍ୟରେ ଥିଲା ଦେଖିବା ପାଇଁ । ଏହାର ଶ୍ରେୟ ଦେଉଛି ଇନା ଓ ବୁଢ଼ାଙ୍କୁ । ଆଜି ମୋର ପରିବାରର ସମସ୍ତେ ଏ ବ୍ରହ୍ମବିଦ୍ୟା ସମିତିରେ ଯୋଗ ଦେଇଛନ୍ତି । ଅମୃତ ସମାନ ଏହି ବ୍ରହ୍ମବିଦ୍ୟାର ଜ୍ଞାନ, ଯିଏ ଥରେ ପାନ କଲା ସେ ତାର ମହତ୍ତ୍ୱ ବୁଝିଲା । ଅଡ୍ୟାରର ଗୋଟିଏ ଘଟଣା ନ ଲେଖି ମୁଁ ରହି ପାରୁନି । କିଏ ବିଶ୍ୱାସ କରିବେ କି ନାହିଁ ମୁଁ କହିପାରିବିନି; କିନ୍ତୁ ମୁଁ ସତ କହୁଛି ମୋର ଅଭିଜ୍ଞତାରୁ । ଥରେ ଆଡ୍ୟାରରୁ ଫେରିବା ଦିନର କଥା । ଟ୍ରେନ୍ ଟିକେଟ୍ ହୋଇଥାଏ । ରାତି ପ୍ରାୟ କେତେଟା ମନେପଡୁନି, ଆସିବା ଦିନ ଲାଇଟ୍ ନ ଥିଲା । ପୁରା ଅନ୍ଧାର ବହୁ ସମୟ ପର୍ଯ୍ୟନ୍ତ । ଇନାଙ୍କ ବାପା (କୈଳାସ ଭାଇ ମୋ ନଣଦେଇ) ଆମ ସହିତ ଥିଲେ । ଲାଇଟ୍ ନାହିଁ । ସେ ଅସୁସ୍ଥତା ଅନୁଭବରେ ବିରକ୍ତ ଥିଲା ପରି ଜଣାପଡୁଥାନ୍ତି । ଯାହାହେଉ କୌଣସି ପ୍ରକାରେ ଗାଡ଼ିରେ ବାହାରିଲୁ । ଅନ୍ଧାର ରାତି ପୁଣି ଫେରିବାର ଦୁଃଖ ମୋ ମନରେ ଥାଏ । ବ୍ଲାଭାସ୍କି ବଙ୍ଗଲୋରେ ଆମେ ରହିଥିଲୁ । ଟିକେ ଆଗକୁ ଯାଇଛୁ, ଦେଖିଲୁ ଦୂରରୁ ଲାଇଟ୍ ଦିଶିଲା । ଯେତେ ପାଖକୁ ପାଖକୁ ଗଲୁ ମୁଁ ଦେଖିଲି ଦୁଇଜଣ ଧଳା ପୋଷାକରେ ଲାଇଟ୍ ଧରି ଆମକୁ ବାଟ ଦେଖାଉଛନ୍ତି । ମୁଁ ତାଙ୍କୁ ନିରେଖି ଚାହିଁଲି । ଆପଣମାନଙ୍କୁ ସତ ନ ଲାଗିପାରେ ମୁଁ ନୀଳବର୍ଣ୍ଣର ଆଖି ଦେଖିଛି । ମନେ ମନେ ଖୁସି ହେଲି ଏଠାରେ ସାହାଯ୍ୟ କରିବାକୁ କେହି ଅଛନ୍ତି । ହୃଦୟରୁ ତାଙ୍କୁ ଧନ୍ୟବାଦ୍ ଦେଲି ମନେମନେ । ଅଡ୍ୟାର ମାଟିରେ ଭୟର ପ୍ରଶ୍ନ ହିଁ ନାହିଁ । ଦୁନିଆର ସବୁ ଖୁସି

ହେଉଛି ଅଡ୍ୟାର ମୋ ମତରେ । ବିଶ୍ୱଭ୍ରାତୃତ୍ୱ ସଂପର୍କ ଗଢ଼ିବାର ଜ୍ୱଳନ୍ତ ଉଦାହରଣ ଏହି ପ୍ରକୃଷ୍ଟ ଅନୁଷ୍ଠାନ ।

ଜଗନ୍ନାଥ ଲଜ୍ ଗଢ଼ା ହେବାଦ୍ୱାରା ବହୁତ କିଛି ଶିଖିବାର ସୌଭାଗ୍ୟ ମିଳିଲା । ପ୍ରତି ମାସରେ ଇନା ବୁଢ଼ା ଆସନ୍ତି । ଶ୍ରୀଗୁରୁ ଚରଣେ, ବ୍ରହ୍ମବିଦ୍ୟା ବ୍ୟାଖ୍ୟାନ, ନୀରବନାଦ, ମାର୍ଗଦୀପିକା, ସାଧକର ଜୀବନ, ଆତ୍ମାର ଘଟ ପରିବର୍ତ୍ତନ, ତା'ଛଡ଼ା ବ୍ରହ୍ମବିଦ୍ୟା ସମିତି ଗଢ଼ିବାରେ ଯେଉଁମାନେ ଅଜସ୍ର ପରିଶ୍ରମ କରିଥିଲେ ସେମାନଙ୍କ ବିଷୟରେ ପୁସ୍ତକ ସେ ଆମକୁ ଦେଇଥିଲେ । ସବୁ କଥା ତାଙ୍କଠାରୁ ଶୁଣିବାକୁ ପାଇଲୁ । ମହାନ୍ ମହାନ୍ ସାଧକମାନଙ୍କ ସହ ଆମର ସାକ୍ଷାତ କରାଇଥିଲେ, ତାଙ୍କ ନିକଟରେ ମୁଁ କୃତଜ୍ଞ । ଏସବୁ ମୋର ପୂର୍ବଜନ୍ମର ସତ୍‌କର୍ମର ଫଳ । ସାଧୁସଙ୍ଗ, ସତ୍‌ସଙ୍ଗର ମିଳନ ଭାଗ୍ୟରେ ଥିଲେ ମିଳେ । ବର୍ତ୍ତମାନ ମୁଁ କେବଳ ଉତ୍କଳ ବ୍ରହ୍ମବିଦ୍ୟା ସମିତିକୁ ଯାଇପାରୁଛି । ଆନନ୍ଦ ଅନୁଭବ ସହିତ, ଅନେକ ପରିବର୍ତ୍ତନ ମୋ ଭିତରେ ଅନୁଭବ କରୁଛି । ବ୍ରହ୍ମବିଦ୍ୟା କ'ଣ ? ପୁନର୍ଜନ୍ମ, କର୍ମବାଦ, କ୍ରମବିକାଶ, ବିଶ୍ୱଭ୍ରାତୃତ୍ୱ, ଚିନ୍ତାଶକ୍ତି, ଏହିପରି ଅନେକ କଥା ସମ୍ପୂର୍ଣ୍ଣ ଭାବରେ ବୁଝିପାରୁଛି । ପୂର୍ବରୁ ଯେଉଁ ଅନ୍ଧବିଶ୍ୱାସ ମୋ ଭିତରେ ଥିଲା ଆଉ ପ୍ରାୟ ନାହିଁ କହିଲେ ଚଳେ । ଏଥିପାଇଁ କେହି କିଛି ପ୍ରତିବାଦ କଲେ ମୁଁ ନୀରବ ରହି ଭାବୁଛି, ଅଜ୍ଞାନତା ମୋତେ କେଉଁ ଦିଗକୁ ଟାଣି ନେଇଥିଲା । ମୋର ସେ ବିଷୟ ପ୍ରତି ଭୟ କମିଯାଇଛି । ମୁଁ ଗୋଟିଏ ଭଲ ମଣିଷ କହିପାରିବିନି; କିନ୍ତୁ ଏହାର ପ୍ରଭାବରେ ମୁଁ ବହୁତ ଖୁସି ଅଛି । ମନରେ ସାହସ ବଢୁଛି ଆଗକୁ ଯିବାକୁ । ମୋ ଜନ୍ମ ସାର୍ଥକ ହୋଇଛି । ଯଦିଓ ବିଳମ୍ବରେ ମେମ୍ବର ହେଲି । ସଂସାରର କର୍ମକ୍ଷେତ୍ରରୁ ନିଜକୁ କିପରି ଗଢ଼ିବାକୁ ହୁଏ ତାହା ଅଙ୍ଗେ ନିଭାଇବାକୁ ଚେଷ୍ଟା କରୁଛି । ମୁଁ E.S. ମେମ୍ବର ମଧ୍ୟ ଅଛି । ସତ୍ୟପଥର ପଥିକ ହେବାକୁ ଇନା ବୁଢ଼ାଙ୍କ ଅବଦାନ ଓ ସହଯୋଗ ନ ଥିଲେ ମୁଁ ଅନେକ ତଳକୁ ଖସି ଯାଇଥାନ୍ତି । ପ୍ରଭୁ ଜଗନ୍ନାଥ ତାଙ୍କୁ ବଳ ଦିଅନ୍ତୁ ସେମାନେ ଏହିପରି ସମସ୍ତଙ୍କୁ ସତ୍ୟ କ'ଣ ବୁଝିବାରେ ସାହାଯ୍ୟ କରି ଚାଲନ୍ତୁ ଓ ଉତ୍ସାହିତ କରୁଥାନ୍ତୁ । ମଣିଷ ଶରୀର ପାଇଁ ଯେପରି ଔଷଧ, ସେପରି ଆତ୍ମା ପାଇଁ ଆତ୍ମଜ୍ଞାନ ନିହାତି ଆବଶ୍ୟକ ।

"ଦଇବ ଦଉଡ଼ି ମଣିଷ ଗାଈ

ଯେଣିକି ଟାଣଇ ସେଣିକି ଯାଇ ।"

ସମୟ କେତେବେଳେ କାହାକୁ କେଉଁ ଜାଗାରେ ପହଞ୍ଚାଇ ଦେବ କିଏ ବା କହିପାରିବ, ଏହା ବିଧାତାର ଖେଳ । ପ୍ରତିବର୍ଷ ଇନାଙ୍କ ଘରେ ୪/୫ ଥର ମିଟିଂ ହୁଏ । ମୁଁ ପ୍ରତିଥର ଯାଇଛି । ସେଠାକୁ ଅନେକ ଜଣ ଆସି ପ୍ରବଚନ ଦେବାର ଶୁଣିବାକୁ ପାଇଛି । ବହୁତ ଭଲ ଲାଗେ । ଏସବୁ କାର୍ଯ୍ୟ କରିବାକୁ ଇନା ଆଗୁଆ ବାହାରିପଡ଼ନ୍ତି । ତାଙ୍କ ହଷ୍ଟେଲ ପିଲାମାନେ ୫୦/୬୦ ଜଣ ମଧ୍ୟ ଯୋଗଦିଅନ୍ତି । ମୁଁ ଶୁଣିଛି ପିଲାମାନେ ବ୍ରହ୍ମବିଦ୍ୟା ବିଷୟ ଶୁଣି ନିଜେ ନିଜେ ଅନେକ ପରିବର୍ତ୍ତନ ହୋଇଛନ୍ତି । ଇନାଙ୍କ ଘର ଛାତ ଉପରେ ଆଉ କେତେବେଳେ ଘର ଭିତରେ ମିଟିଂ କାର୍ଯ୍ୟ ହୋଇଥାଏ । ଖାଲି ସେତିକି ନୁହେଁ ଆମେ ସମସ୍ତେ ଯିଏ ଯାଇଥାଉ, ମନଭରି ନାନାପ୍ରକାର ସୁସ୍ୱାଦୁ ରନ୍ଧା ଖାଦ୍ୟ ଖାଇ ଫେରୁ । ଚା' ପାନର ମଜା ତା' ସହିତ ମିଳେ । ତାଙ୍କ ଘର ମାଆ ଅନ୍ନପୂର୍ଣ୍ଣାଙ୍କ ଭଣ୍ଡାର ଘର । ଖାଲି ମିଟିଂ ନୁହେଁ ଅନ୍ୟ ସମୟରେ ଯିଏ ଗଲେ ବି ପେଟେ ପେଟେ ଖାଇବ । ଏତେ ପରିଶ୍ରମୀ ଇନା ପରି କେହି ହେବେନି । କାହାକୁ ଅପେକ୍ଷା ନ କରି ନିଜେ ରାନ୍ଧିବାଢ଼ି ଥୋଇଦେବେ । ଗୌତମ ନଗରରେ ବି ଅନେକଥର ନିଜ ରନ୍ଧା ଆମକୁ ଖୁଆଇ ଥିବେ । ଖାଇବା କଥା ପଡ଼ିଲେ ଆଗ ଇନାଙ୍କ କଥା ମନକୁ ଆସେ । ସେ ପ୍ରବଳ ପରିଶ୍ରମୀ ଓ ସର୍ବଦା ବ୍ୟସ୍ତତା ଭିତରେ ରହିଥାନ୍ତି । କାହାର ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ରଖନ୍ତି । ତ୍ୟାଗୀ ସାର୍ ଆସିଲେ ତାଙ୍କ ଘରେ ରୁହନ୍ତି । ଏପରିକି ଅନ୍ୟମାନେ ରହିବାକୁ ସେ ସୁବିଧା କରିଦିଅନ୍ତି । ତାଙ୍କ ଘରେ କି ଯାଦୁ ଅଛି, ଆମେସବୁ ସେଠାକୁ ଟାଣି ହୋଇ ଯାଉ । ସମସ୍ତଙ୍କୁ ସୁବିଧା ଦେବା ସହ ବ୍ରହ୍ମବିଦ୍ୟା ପ୍ରଚାର କରି ସେ ହେଲେ ଆମ ପଥପ୍ରଦର୍ଶକ । ମିଟିଂରେ ଭାଷଣ ଦେବାକୁ ସେ ସମସ୍ତଙ୍କୁ ସୁଯୋଗ ମଧ୍ୟ ଦିଅନ୍ତି । ତାଙ୍କର ନିଆରା ଭାବଧାରା ସମସ୍ତଙ୍କୁ ଅନୁପ୍ରାଣିତ କରୁ ।

ପୁରୀ ଜଗନ୍ନାଥ ଲଜ୍

❖❖❖

# DIRECTORY

(With Phone Numbers)

## Utkal Theosphical Federation

| | | |
|---|---|---|
| President | Mr. Pradip K. Mohapatra | 9437697429 |
| Vice- President | Dr. Chinmayee Mohapatra | 9937672052 |
| Secretary | Mrs. Mitalini Choudhury | 8249332616 |
| Joint Secretary | Mr. Satyabrata Rath | 7008777232 |
| Treasurer | Ms. Swarnalata Das | 9438299083 |

## Lodges (Branches)

| *Name* | *President* | *Secretary* |
|---|---|---|
| Ashok (Cuttack) | Mr. Alok Kumar Mohapatra 9937166008 | Mrs. Banaja Rani Panda 9853656747 |
| Balangir | Mr. Sunil K. Panda 9437104323 | Mrs. Bijaylaxmi Mishra 9437525285 |
| Balasore | Mr. Hariram Machhar 9692611183 | Prof.Parthasarathi Prasad Sarangi 9437495702 |

| | | |
|---|---|---|
| Barabati (Cuttack) | Dr. Prafulla Kumar Dash<br>9861156313 | Mr. B.S. Mohanty<br>9886733388 |
| Berhampur | Mr. Dibakar Sabat<br>9437620140 | Mrs. Bijayalaxmi Panigrahi<br>9348471223 |
| Bhawanipatna | Mrs. Kalpana Rath<br>6370216742 | Mr. Suvendu K. Mohapatra<br>9437938839 |
| Bhubaneswar | Prof. K.P. Padhi<br>6370666570 | Mr. Santosh K. Sahoo<br>8917572201 |
| Cuttack | Dr. Chinmayee Mohapatra<br>9937672052 | Mr. Sudhanshu Sekhar Pati<br>9692123304 |
| Devapi (Bhubaneswar) | Dr. Deepa Padhi<br>9937025007 | Mrs. Dhara Padhi<br>9861084455 |
| Gopaljee (Alana) | Mrs. Minakhi Mohanty<br>— | Mrs. Sabita Choudhury<br>8260106042 |
| Jagannath (Puri) | Mrs. Kallolini Mohanty<br>9692256758 | Mrs.Kasturi Mohanty<br>9338690369 |
| Jagatsinghpur | Mr. Pratap Kumar Das<br>8249096600 | Mr. Bipin Bihari Muduli<br>8763726428 |
| Kapilas (Dhenkanal) | Mr.Sidheswar Mishra<br>6371207551 | Mrs. Swetalina Mohanty<br>9937158700 |

| | | |
|---|---|---|
| Laxminarayan | Mr. Pramod C. Mishra | Mr. P.K. Das |
| (Bhubaneswar) | 9110803623 | 8917327780 |
| Lingaraj | Bro. Chandrabhanu Malla | Sis. Prajna Paramita Routray |
| (Bhubaneswar) | 9861850458 | 6370588791 |
| Mahanadi | Mrs. Swarnalata Satapathy | Ms. Ananya Satapathy |
| (Cuttack) | 9938141176 | 8328810213 |
| Maru | Mr. Paurnamasi Pattanaik | Mrs. Gayatri Pattanaik |
| (Bhubaneswar) | 9437276204 | 6370939025 |
| Pythagoras Youth | Ms. Sarmistha Biswal | Ms. Tapaswini Samantaray |
| (Bhubaneswar) | 8763867723 | 8249508098 |
| Rayagada | Mr. Subrat Mohapatra | Mrs. Smita Kanungo |
| | 9483808326 | 9438668020 |
| Sanat Kumar | Mr. R.C. Pattanaik | Mr. Satyabrata Ratha |
| (Bhubaneswar) | 9437011322 | 700877232 |
| Sambalpur | Rs. Dhrub Prasad Panda | Mr. Manoj Ku. Pujari |
| | 9437065586 | 9861307632 |
| Siddharth | Mrs. Sailabala Acharya | Mrs. Smita Choudhury |
| (Bhubaneswar) | 9237218033 | 9313259314 |
| Upasika | Mr. Damodar Behera | Mr. Kumar Nayak |
| (Jajpur) | 9938145407 | 9348482147 |

## ବିଶେଷ ସୂଚନା

- ଲେଖକମାନେ ଲେଖାଗୁଡ଼ିକ D.T.P. କରି ପଠାଇବା ଆବଶ୍ୟକ; ଅଥବା କାଗଜର ଗୋଟିଏ ପାର୍ଶ୍ୱରେ ଉତ୍ତମ ହସ୍ତାକ୍ଷରରେ ଶୁଦ୍ଧ ଓ ସ୍ୱଷ୍ଟ ଭାବରେ ଲେଖି ପଠାଇବା ଉଚିତ ।
- 'ପତ୍ରିକା'ରେ ସ୍ଥାନିତ ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ବିଚାର ଓ ଆକଳିତ ତଥ୍ୟ ଉପରେ ଆଧାରିତ । ଏଥିରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲେ ସେଥିପାଇଁ ସଂପୃକ୍ତ ଲେଖକ ହିଁ ଦାୟୀ ରହିବେ ।

**–ସମ୍ପାଦକ**

## ଲେଖା ପଠାଇବାର ଠିକଣା

**ଉତ୍କଳ ବ୍ରହ୍ମବିଦ୍ୟା ସଂଘ**
**ପ୍ଲଟ୍ ନମ୍ବର-୩୪୬**
**ଗୌତମ ନଗର, ଭୁବନେଶ୍ୱର-୭୫୧୦୧୪**
**Email: mitalini.m@gmail.com**

❖

**ବ୍ରହ୍ମବିଦ୍ୟା ସମିତି**
**ଥିଓସୋଫି ହାଉସ୍, କାଳିଗଳି, କଟକ-୭୫୩୦୦୨**
**Email: pssekhar43@gmail.com**